ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୫ ଡିସେମ୍ବର, ୨୦୧୯



ଖାଲି ପେଟରେ ଧର୍ମ ହୁଏ ନାହିଁ। ପ୍ରଭୁ କହୁଥିଲେ, କ୍ଷୁଧାର୍ତ୍ତକୁ ଧର୍ମ କଥା ଶୁଣାଇବା ନିହାତି ପାଗଳାମି। ଆଗେ କ୍ଷୁଧିତ ପାଇଁ ଅନ୍ନର ସଂସ୍ଥାନ କରିବାକୁ ପଡ଼ିବ।
- ସ୍ୱାମୀ ବିବେକାନନ୍ଦ





କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥଲିକ୍ ଚର୍ଚ୍ଚ।



ପୁରୀ କ୍ୟାଥଲିକ୍ ଚର୍ଚ୍ଚରେ ବଡ଼ଦିନ ପାଇଁ ସଜାଯାଇଛି।



ଗୁହାଳ ଘରୁ ଶିଶୁ ଯିଶୁଙ୍କୁ ଯୋଶେଫ୍ ପ୍ରାର୍ଥନା ଗୃହକୁ ନେଉଛନ୍ତି।

# ମଧ୍ୟରାତ୍ରିରେ ଉତ୍ସବ, ଜନ୍ମନେଲେ ଯିଶୁ

**ଆଜି ବଡ଼ଦିନ**

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀଙ୍କ ବଡ଼ପର୍ବ ଖ୍ରୀଷ୍ଟମାସ ପାଳନ ପାଇଁ ଉତ୍ସବମୁଖର ହୋଇ ଉଠିଛି ରାଜଧାନୀ। ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିବସକୁ ପାଳନ କରିବା ଓ ତାଙ୍କ ଜନ୍ମମୁହୂର୍ତ୍ତରେ ଉତ୍ସବ ମନାଇବାକୁ ବର୍ଷ ତମାମ ଅପେକ୍ଷାରେ ଥିଲେ ଖ୍ରୀଷ୍ଟଧର୍ମାବଲମ୍ବୀ। ଏନେଇ ମଙ୍ଗଳବାରଠାରୁ ରାଜଧାନୀର ଦୁଇଟି ପ୍ରମୁଖ ସତ୍ୟନଗର ଓ ୟୁନିଟ-୪ସ୍ଥିତ ଚର୍ଚ୍ଚ ସମେତ ଅନ୍ୟ ୧୩ ଚର୍ଚ୍ଚରେ କାର୍ଯ୍ୟକ୍ରମମାନ ଆରମ୍ଭ ହୋଇଯାଇଛି। ଯିଶୁଖ୍ରୀଷ୍ଟଙ୍କ ଜନ୍ମ ଓ ତାଙ୍କ ଜୀବନ ଉପରେ ଆଧାରିତ କିମ୍ବଦନ୍ତୀକୁ ଲୋକଙ୍କ ମନରେ ପୁଣିଥରେ ଉଜ୍ଜୀବିତ କରିବାକୁ ଚର୍ଚ୍ଚଗୁଡ଼ିକରେ ନାଟକ ତଥା ଡ୍ରାମା ପରିବେଷଣ କରାଯାଇଛି। ଏହାଛଡ଼ା ଖ୍ରୀଷ୍ଟମାସ ପର୍ବ ପାଇଁ ରହିଥିବା ଅନ୍ୟାନ୍ୟ ନୀତି ଓ ନିୟମାନୁସାରେ ଚର୍ଚ୍ଚଗୁଡ଼ିକ କାର୍ଯ୍ୟକ୍ରମ ପାଇଁ ସମୟ ସ୍ଥିର କରିଛନ୍ତି। ମଙ୍ଗଳବାର ମଧ୍ୟରାତ୍ରୀ ଖ୍ରୀଷ୍ଟମାସ ପାଇଁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ସମୟରେ ସମୂହ ପ୍ରାର୍ଥନା ଓ ଶୋଭାଯାତ୍ରାମାନ ଆୟୋଜିତ ହୋଇଯାଇଛି। ଆକର୍ଷଣୀୟ ଆଲୋକମାଳା ଓ ଖ୍ରୀଷ୍ଟମାସ-ଟ୍ରିରେ ସଜ୍ଜିତ ଚର୍ଚ୍ଚଗୁଡ଼ିକରେ ରଙ୍ଗିନ ଖ୍ରୀଷ୍ଟମାସ-ଲ୍ୟାମ୍ପ ଓ ଜିଙ୍ଗଲବେଲ୍ ଆକର୍ଷଣ ସାଜୁଛି।

ମଙ୍ଗଳବାର ମଧ୍ୟରାତ୍ରରେ ପ୍ରଭୁ ଯିଶୁ ଧରାବତରଣ କରିସାରିଥିବାବେଳେ ବୁଧବାର ଶିଶୁ ଯିଶୁଙ୍କ ପାଦ ସ୍ପର୍ଶ କରି ଆଶୀର୍ବାଦ ଲାଭ କରିବେ ଶ୍ରଦ୍ଧାଳୁ। ଏନେଇ ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରୁ ସତ୍ୟନଗର କାଥୋଲିକ୍ ଚର୍ଚ୍ଚ ଏବଂ ୟୁନିଟ୍-୪ସ୍ଥିତ ୟୁନିୟନ୍ ଚର୍ଚ୍ଚରେ ସେଲିବ୍ରେଶନ୍ ଆରମ୍ଭ ହୋଇଯାଇଥିବାବେଳେ ରାତି ପ୍ରାୟ ୧୦ଟାରେ ସାମୂହିକ କାରୋଲ୍ ଗାନ କରାଯାଇଥିଲା। ଏହାପରେ ରାତି ୧୧ଟାରୁ ଉପାସନା ଆରମ୍ଭ ହୋଇ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ସମସ୍ତେ ଏକଜୁଟ୍ ହୋଇ କେକ୍ କାଟିବା ସହ ଯିଶୁଙ୍କ ଜନ୍ମକୁ ଧୂମ୍‌ଧାମରେ ପାଳନ କରିଥିଲେ। ରାତିସାରା ଚର୍ଚ୍ଚକୁ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ସମେତ ସବୁ ଧର୍ମର ଲୋକଙ୍କ ସମାଗମ ହୋଇଥିଲା। ଗୁହାଳରେ ଯିଶୁଙ୍କ ଜନ୍ମ ହୋଇଥିବାରୁ ଚର୍ଚ୍ଚ ପରିସରରେ ଗୁହାଳ ସଦୃଶ ଏକ ଗୃହ ନିର୍ମାଣ କରାଯାଇ ପ୍ରାର୍ଥନା କରାଯାଉଥିବା ଦେଖିବାକୁ ମିଳିଥିଲା।



ସତ୍ୟନଗର ଚର୍ଚ୍ଚରେ ଜନ୍ମ ପରେ ଯିଶୁଙ୍କ ପାଦ ସ୍ପର୍ଶ କରୁଛନ୍ତି ଜଣେ ମହିଳା।



କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥଲିକ୍ ଚର୍ଚ୍ଚରେ ସମୂହ ପ୍ରାର୍ଥନା

## ଆଜି ୩ଥର ସମୂହ ପ୍ରାର୍ଥନା

ବଡ଼ଦିନ ଅବସରରେ ବୁଧବାର ସକାଳୁ ଚର୍ଚ୍ଚ ପରିସରରେ ଉତ୍ସବ ଆରମ୍ଭ ହେବ। ଏହି ଉପଲକ୍ଷେ ୩ଥର ସମୂହ ପ୍ରାର୍ଥନା ଅନୁଷ୍ଠିତ ହେବ। ଶିଶୁ ଯିଶୁଙ୍କ ପାଦ ସ୍ପର୍ଶ କରି ଆଶୀର୍ବାଦ ଲାଭ କରିବେ ଶ୍ରଦ୍ଧାଳୁ। ସକାଳ ୧୦ଟାରେ ପ୍ରଥମେ ଇଂଲିଶରେ ଏବଂ ଅପରାହ୍ନ ୩ଟା ୩୦ ଓ ସନ୍ଧ୍ୟା ୬ଟାରେ ଓଡ଼ିଆରେ ସମୂହ ପ୍ରାର୍ଥନା କରାଯିବ। ଏହାସହ ସ୍ତୁତିଗାନ, ବାଇବେଲ୍ ପାଠ, ଦିବ୍ୟଯଜ୍ଞ ମାଧ୍ୟମରେ ଈଶ୍ୱରଙ୍କୁ ଆରାଧନା କରାଯିବ। ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହେବ। ସେହିଭଳି ୟୁନିଟ୍-୮, ବରମୁଣ୍ଡା ପ୍ରଭୃତି ସ୍ଥାନରେ ଥିବା ଚର୍ଚ୍ଚରେ ମଧ୍ୟ ବଡ଼ଦିନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।



ସତ୍ୟନଗର ଚର୍ଚ୍ଚରେ ସମୂହ ପ୍ରାର୍ଥନା।

# ପୁରୀ ବେଳାଭୂମିରେ ବୃହତ୍ ଥ୍ରୀଡି ବାଲୁକା ସାନ୍ତା କ୍ଲଜ୍

## ଗୋ ଗ୍ରୀନ୍‌ର ବାର୍ତ୍ତା ଦେଇଛନ୍ତି ସୁଦର୍ଶନ

ପୁରୀ ଅଫିସ, ୨୪।୧୨

ପବିତ୍ର ବଡ଼ଦିନ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରସ୍ତୁତ କରିଛନ୍ତି ବୃହତ୍ ଥ୍ରୀଡି ବାଲୁକା ସାନ୍ତାକ୍ଲଜ। ଖ୍ରୀଷ୍ଟମାସ ଅବସରରେ ପରିବେଶକୁ ସୁସ୍ଥ ରଖିବା ସହ ବିଶ୍ୱବାସୀଙ୍କୁ ସେ ଗୋ ଗ୍ରୀନର ବାର୍ତ୍ତା ଦେଇଛନ୍ତି। ଏଥିସହ ବଡ଼ଦିନର ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ତେବେ ଏଥର ନିଆରା ହେଉଛି ବେଳାଭୂମିର ସମତଳ ବାଲିରେ ଏହାକୁ ପ୍ରସ୍ତୁତ କରିଛନ୍ତି ସୁଦର୍ଶନ।

ଗତ ୧୩ ବର୍ଷ ଧରି ଖ୍ରୀଷ୍ଟମାସ ଉପଲକ୍ଷେ ସୁଦର୍ଶନ ବାଲୁକା କଳା ତିଆରି କରିଆସୁଛନ୍ତି। ଚଳିତ ବର୍ଷ ମେ ଫେୟାର ପଛ ପାର୍ଶ୍ୱ ବେଳାଭୂମିରେ ପ୍ରାୟ ୨୫୦୦ ବର୍ଗ ଫୁଟ ଜାଗାରେ ସେ ଏହି ଥ୍ରୀଡି ବାଲୁକା ସାନ୍ତା ତିଆରି କରିଛନ୍ତି। ଏଥିରେ ସୁଦର୍ଶନଙ୍କୁ ତାଙ୍କ ସ୍ୟାଣ୍ଡ ଆର୍ଟ ସ୍କୁଲର ୪୦ ଜଣ ଛାତ୍ରୀଛାତ୍ର ସହଯୋଗ କରିଛନ୍ତି। ଏହାକୁ ପ୍ରସ୍ତୁତ କରିବା ଲାଗି ପ୍ରାୟ ୧୦ ଘଣ୍ଟା ସମୟ ଲାଗିଥିବା ବେଳେ ଏହାକୁ ଆକର୍ଷଣୀୟ କରିବା ଲାଗି ରଙ୍ଗିନ ବାଲି ବ୍ୟବହାର କରାଯାଇଛି। ପାହାଡ଼ ଉପରେ ଏକ ବିଶାଳ ସାନ୍ତା ଛିଡା ହୋଇଥିବାବେଳେ ହାତରେ ଖ୍ରୀଷ୍ଟମାସ ଟ୍ରି ଧରିଛନ୍ତି। ଏହା ଏପରି ପ୍ରସ୍ତୁତ କରାଯାଇଛି ଯେ ପ୍ରତ୍ୟେକଙ୍କୁ ସାନ୍ତା ଖ୍ରୀଷ୍ଟମାସ ଟ୍ରି ପ୍ରଦାନ କରି ପରିବେଶକୁ ସୁସ୍ଥ ଓ ସବୁଜ ରଖିବାର ବାର୍ତ୍ତା ଦେଉଛନ୍ତି। ସାନ୍ତାର ତଳେ ଖ୍ରୀଷ୍ଟମାସ ଟ୍ରି କରାଯାଇଥିବାବେଳେ ଗୋ ଗ୍ରୀନ୍ ଏବଂ ଖ୍ରୀଷ୍ଟମାସ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ରହିଛି। ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହାକୁ ଦେଖୁଛନ୍ତି। ଏ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ପ୍ରତିବର୍ଷ ବଡ଼ଦିନଠାରୁ ନୂଆବର୍ଷ ପର୍ଯ୍ୟନ୍ତ ଏଠାରେ ସ୍ୟାଣ୍ଡ ଆର୍ଟ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥାଏ। ସବୁବର୍ଷ କିଛି ନିଆରା କରିବାକୁ ପ୍ରୟାସ କରିଥାଉ। ବର୍ତ୍ତମାନ ବାଲୁକା କଳାର ନୂଆଟ୍ରେଣ୍ଡ ଥ୍ରୀଡି ସ୍ୟାଣ୍ଡ ଆର୍ଟ ଚାଲିଛି। ତେଣୁ ଏଥର ଏହି ଥ୍ରୀଡି ବାଲୁକା ସାନ୍ତାକ୍ଲଜ କରାଯାଇଛି। ଏହା ଏମିତି ଭାବେ ପ୍ରସ୍ତୁତ ହୋଇଛି ଯେ ସାନ୍ତା ସହିତ ଯେ କେହି ହ୍ୟାଣ୍ଡସେକ୍ କରିବା ଭଳି ଲାଗିବ। ପରିବେଶ ସୁରକ୍ଷା ପାଇଁ ସାନ୍ତା ଖ୍ରୀଷ୍ଟମାସ ଟ୍ରି ଉପହାର ଦେଉଥିବା ଏଥିରେ ଦର୍ଶାଯାଇଛି। ତେବେ ଆଜି ପର୍ଯ୍ୟନ୍ତ ବିଶ୍ୱରେ ଯେତେ ଥ୍ରୀଡି ବାଲୁକା କଳା କରାଯାଇଛି ଏହା ସବୁଠୁ ବୃହତ୍ ବୋଲି କହିଥିବା ସୁଦର୍ଶନ ପୁଣି ଏକ ବିଶ୍ୱରେକର୍ଡକୁ ଅପେକ୍ଷା କରିଛନ୍ତି।



କଟକ ଚଣ୍ଡୀ ଖ୍ରୀଷ୍ଟିଆନ ସମାଜ ଚର୍ଚ୍ଚକୁ ଆଲୋକମାଳାରେ ସଜାଯାଇଛି।

## କଟକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

କଟକ ଅଫିସ, ୨୪।୧୨

ବଡ଼ଦିନ ପାଳନ ପାଇଁ ଉତ୍ସବ ମୁଖର ହୋଇପଡ଼ିଛି କଟକ ସହରରେ ଥିବା ବିଭିନ୍ନ ଚର୍ଚ୍ଚ। ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିବସକୁ ପାଳନ କରିବା ତଥା ତାଙ୍କ ଜନ୍ମ ମୁହୂର୍ତ୍ତରେ ଉତ୍ସବ ମନାଇବାକୁ ପ୍ରସ୍ତୁତ ହେଲେଣି ସହରବାସୀ। ଏଥିପାଇଁ ସହରର ସମସ୍ତ ଚର୍ଚ୍ଚରେ ମଙ୍ଗଳବାର ପ୍ରସ୍ତୁତି ପର୍ବ ଶେଷ ହୋଇଥିଲା। ସହରରେ ଥିବା ପ୍ରମୁଖ ଚର୍ଚ୍ଚଗୁଡ଼ିକ ମଧ୍ୟରୁ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ସର୍ବପୁରାତନ। ବଡ଼ଦିନ ପାଇଁ ଏହି ଚର୍ଚ୍ଚ ପକ୍ଷରୁ ସକାଳୁ ରାତି ପର୍ଯ୍ୟନ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବ। ଖ୍ରୀଷ୍ଟିଆନ ସମ୍ପ୍ରଦାୟକୁ ଛାଡ଼ି ଉତ୍ସବକୁ ଆସିଥିବା ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କୁ କେକ୍ ଏବଂ କଫି ବଣ୍ଟାଯିବା ବ୍ୟବସ୍ଥା ରହିଛି। ସନ୍ଧ୍ୟାରେ ଚର୍ଚ୍ଚରେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବଡ଼ଦିନ ପୂର୍ବ ରାତିରେ ଖ୍ରୀଷ୍ଟମାସ ଇଭ୍ ୧୦ ସାହିରେ ପାଳନ କରାଯିବ। ରାତି ୧୨ଟା ପର୍ଯ୍ୟନ୍ତ ଉପାସନା କରାଯିବା ସହିତ ଅଭିନନ୍ଦନ ଜଣାଯାଇଥାଏ। ସାହି ମଧ୍ୟରେ କୀର୍ତ୍ତନ ପରିକ୍ରମା କରାଯିବ। ଏହି କାର୍ଯ୍ୟକ୍ରମ ରାତିରୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ ବୋଲି ଚର୍ଚ୍ଚର ସହକୋଷାଧ୍ୟକ୍ଷ ତପନ ଦାସ କହିଛନ୍ତି। ସେହିପରି ହୋଲି ରୋଜାରି କ୍ୟାଥେଡ୍ରାଲ ଚର୍ଚ୍ଚ ପକ୍ଷରୁ ପ୍ରଭୁ ଯିଶୁଙ୍କ ଜନ୍ମଦିନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଧୁମ୍‌ଧାମ୍‌ରେ ଏହାକୁ ପାଳନ କରାଯିବ ବୋଲି ଚର୍ଚ୍ଚର ମୁଖ୍ୟ ଧର୍ମଯାଜକ ନାହର ରଞ୍ଜନ ପରିଛା କହିଥିଲେ।









ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁ ତିଆରି କରିଥିବା ବାଲୁକାକଳା।

# ବାଲୁକା କଳାରେ ପ୍ଲାଷ୍ଟିକ ବର୍ଜନର ବାର୍ତ୍ତା

ପୁରୀ ଅଫିସ, ୨୪।୧୨

ପ୍ଲାଷ୍ଟିକ ପ୍ରଦୂଷଣକୁ ନେଇ ସାରା ବିଶ୍ୱବାସୀ ଚିନ୍ତିତ। ପ୍ଲାଷ୍ଟିକ କେବଳ ପରିବେଶକୁ ପ୍ରଦୂଷଣ କରୁଛି ତା' ନୁହେଁ ମଣିଷ, ପଶୁପକ୍ଷୀ ସମସ୍ତଙ୍କ ପାଇଁ ଏହା ମାରାତ୍ମକ ସାଜିଲାଣି। ପୁଣି ବିଭିନ୍ନ ପ୍ରକାର ରୋଗର କାରଣ ବି। ତେଣୁ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ଲାଗି ବାଲୁକା କଳା ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ। କ୍ରିସ୍‌ମାସ ଉପଲକ୍ଷେ ଲାଇଟ୍ ହାଉସ ନିକଟସ୍ଥ ସ୍ୱର୍ଣ୍ଣାଭ ବେଳାଭୂମିରେ ମାନସ ସାହୁ ସ୍ୟାଣ୍ଡ ଆର୍ଟ ପାର୍କରେ ମାନସ ୩ଟି ବାଲୁକା କଳା କରିଛନ୍ତି। ଏଥିରେ ସେ କ୍ରିସ୍‌ମାସକୁ ଏକ ନିଆରା ଢଙ୍ଗରେ ପାଳିବାକୁ ଚେଷ୍ଟା କରିଛନ୍ତି। ବଡ଼ଦିନରେ ପୁରୀ ବେଳାଭୂମିକୁ ବହୁ ସଂଖ୍ୟାରେ ଯାତ୍ରୀ, ପର୍ଯ୍ୟଟକ ଆସିବେ। ତେଣୁ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ମାନସ ତାଙ୍କର ୩ଟି ଯାକ ବାଲୁକା କଳାରେ ପ୍ଲାଷ୍ଟିକ ବର୍ଜନର ବାର୍ତ୍ତା ଦେଇଛନ୍ତି। ସବୁ ବର୍ଗର ଲୋକେ ଯେପରି ଏହି ବାଲୁକା କଳାକୁ ବୁଝି ପାରିବେ ସେ ଉଦ୍ୟମ କରିଛନ୍ତି। ଗୋଟିଏ ବାଲୁକା କଳାରେ 'ଉଇ ଆର୍ ରେଡି ଟୁ ଫାଇଟ୍ ଏଗ୍‌ନେଷ୍ଟ ପ୍ଲାଷ୍ଟିକ' ଲେଖାଯାଇଛି। ସେହିପରି ଅନ୍ୟ ଏକ ବାଲୁକା କଳାରେ ଏକାଧିକ ଛୋଟ ସାଣ୍ଟା କ୍ଲଜ କରାଯାଇଥିବା ବେଳେ ଏକ ବଡ଼ ସାଣ୍ଟା ମଧ୍ୟ ରହିଛି। ଏଥିରେ ସମ୍ପୃକ୍ତ ସାଣ୍ଟା 'ଦିସ୍ ଇଜ୍ ମାଇଁ କଟନ ବ୍ୟାଗ୍, ହୋୟାର ଇଜ୍ ୟୋର କଟନ ବ୍ୟାଗ୍' ବୋଲି ପ୍ରଶ୍ନ ପଚାରୁଥିବାକୁ ବେଶ୍ ନିଖୁଣ ଭାବେ ପ୍ରସ୍ତୁତ କରିଛନ୍ତି ମାନସ। ସେହିପରି ଅନ୍ୟ ଏକ ବାଲୁକା କଳାରେ ପ୍ଲାଷ୍ଟିକ ପ୍ରଦୂଷଣ ଦ୍ୱାରା କିପରି ପୃଥିବୀର ରୂପ ବେରୂପରେ ପରିବର୍ତ୍ତନ ହୋଇଯାଉଛି ତାହା ଦର୍ଶାଇଛନ୍ତି। ଏହି ବାଲୁକା କଳାକୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଏହାକୁ ତିଆରି କରିବା ଲାଗି ମାନସଙ୍କୁ ପ୍ରାୟ ୧୫ ଦିନ ସମୟ ଲାଗିଛି। ଏଥିରେ ତାଙ୍କୁ ତାଙ୍କ ଅନୁଷ୍ଠାନର ଛାତ୍ରୀଛାତ୍ର ଚିତ୍ତରଞ୍ଜନ ମହାନ୍ତି, ଇତିଶ୍ରୀ ସାହୁ, ସତ୍ୟନାରାୟଣ ପାତ୍ର ପ୍ରମୁଖ ସହଯୋଗ କରିଛନ୍ତି। ପ୍ରତ୍ୟେକ ବାଲୁକା କଳାର ଉଚ୍ଚତା ପ୍ରାୟ ୮ରୁ ୧୦ ଫୁଟ ରହିଛି। ଏଥିରେ ୪୦ ଟନ୍‌ରୁ ଅଧିକ ବାଲି ବ୍ୟବହାର କରାଯାଇଥିବା ମାନସ କହିଛନ୍ତି।




With Best Compliments From:
ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିର
ସ୍ଥାପିତ – ୨୪।୦୬।୨୦୦୯
(ଓଡ଼ିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଓ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସହ ସହବନ୍ଧିତ)
ଅଲାରପୁର (ରଙ୍ଗବଜାର), ବାଲିଅନ୍ତା
ମୋ: ୯୪୩୭୨୫୭୨୬୫, ୯୬୫୮୦୪୩୭୭୧
ଶିଶୁ ଅରୁଣ (୩ବର୍ଷ)ଠାରୁ ଦଶମ ଶ୍ରେଣୀ
ବି.ଦ୍ର.: ନାମଲେଖା ପାଇଁ ପ୍ରଥମ ଶ୍ରେଣୀରେ ଶତକଡ଼ା ୨୫ଭାଗ ସ୍ଥାନ ପଛୁଆବର୍ଗ, ଅନୁସୂଚିତ ଜାତି ଓ ଆର୍ଥିକ ଅନଗ୍ରସର ଶିଶୁଙ୍କ ପାଇଁ ସଂରକ୍ଷିତ।
ଶିକ୍ଷାବର୍ଷ ୨୦୨୦ ପାଇଁ ନାମଲେଖା ଚାଲୁଅଛି।

With Best Compliments From:
ଶୁଭଶ୍ରୀ କଳାବିକାଶ କେନ୍ଦ୍ର
ବାଲିଅନ୍ତା, ଭୁବନେଶ୍ୱର
(ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ)
ଏଠାରେ ଓଡ଼ିଶୀ ନୃତ୍ୟ, ତବଲା, ଶାସ୍ତ୍ରୀୟ ସଙ୍ଗୀତ, ଚିତ୍ରାଙ୍କନ ଓ ମର୍ଡର୍ଣ୍ଣଡ୍ୟାନ୍ସ ଆଦି ଶିକ୍ଷା ଦିଆଯାଏ। ଏହି ଶିକ୍ଷା ନେବା ପାଇଁ ଇଚ୍ଛୁକ ଯୋଗାଯୋଗ କରନ୍ତୁ।
୭୩୨୬୮୮୧୫୭୫/୮୩୨୮୯୧୬୨୪୫
ସୌଭାଗ୍ୟ ଲେଙ୍କା (ସିଲୁ)
ସମ୍ପାଦକ
ଶୁଭଶ୍ରୀ କଳାବିକାଶ କେନ୍ଦ୍ର

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ବାଲିଅନ୍ତା ବ୍ଲକର ବେଣୁପୁର ପଞ୍ଚାୟତର ଜନସାଧାରଣଙ୍କ ସୁଖ, ସମୃଦ୍ଧି କାମନା କରୁଅଛି।
ନୂତନ ବର୍ଷ ୨୦୨୦ ସମସ୍ତଙ୍କୁ ସୁଖ ଆଣି ଦେଉ ଏତିକି କାମନା।
ହୃଷୀକେଶ ପାତ୍ର
ସମାଜସେବୀ
ରଶ୍ମିତା ପାତ୍ର
ସରପଞ୍ଚ, ବେଣୁପୁର, ବାଲିଅନ୍ତା

ଧରିତ୍ରୀର ୪୬ତମ ଜନ୍ମଦିବସରେ ସମସ୍ତ ଉପଭୋକ୍ତାଙ୍କୁ ଆଗାମୀ ନବବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା
Bharat Petroleum
ଶ୍ରୀ ଧନ୍ୱନ୍ତରୀ ଭାରତ ଗ୍ୟାସ
ବାଲିଅନ୍ତା, ଭୁବନେଶ୍ୱର
ଫୋନ୍: ୦୬୭୪-୨୪୬୧୧୦୦
ମୋ: ୯୪୩୯୪୬୧୧୦୦
ସୁଧିରଞ୍ଜନ କର
ପ୍ରୋପ୍ରାଇଟର

HAPPY NEW YEAR - 2020
A Well Wisher
Balianta, Bhubaneswar

WITH BEST COMPLIMENTS FROM...
SWADHIN +2 & +3 RESIDENTIAL COLLEGE, NIMAPADA, PURI
MOB NO: 7606961218 9861322669
Mr. SWADHIN KU. SAHOO
DIRECTOR



ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।
- ମହାତ୍ମାଗାନ୍ଧୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ବଡ଼ଦିନ, ଓମ୍ ନିବାସ, ବାୟାବାବା ମଠ ରୋଡ, ସକାଳ ୮ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ଗୁରୁକେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶିଶୁଙ୍କୁ ବିଜ୍ଞାନ ସମ୍ବନ୍ଧରେ ଆଲୋଚନା, ବିଜ୍ଞାନ କେନ୍ଦ୍ର, ପୂର୍ବାହ୍ନ ୧୦ଟା ୩୦।
- ସୂର୍ଯ୍ୟ ପର୍ଫର୍ମାନ୍ସ ଲାବ୍ ପକ୍ଷରୁ 'ଓଡ଼ିଶା ବାଇନେଲ', କଳା ଭୂମି, ଓଡ଼ିଶା କ୍ରାଫ୍ଟସ୍ ମ୍ୟୁଜିୟମ, ପୂର୍ବାହ୍ନ ୧୧ଟା।
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ମଡେଲ ଇଂଲିଶ ମିଡିୟମ ସ୍କୁଲର ସିଲଭର ଜୁବିଲି, ସରକାରୀ ଉଚ୍ଚ ବିଦ୍ୟାଳୟ, ଭିଏସ୍ଏସ୍ ନଗର, ଅପରାହ୍ନ ୧ଟା ୩୦।
- ଫେନ୍ସି ଡ୍ରେସ୍ ପ୍ରତିଯୋଗିତା, ସିମ୍ଫନୀ ମଲ୍, କଟକ-ଭୁବନେଶ୍ୱର ହାଇୱେ, ଅପରାହ୍ନ ୪ଟା।
- 'ସ୍ପେସ୍ ଆଣ୍ଡ ସ୍ପେସ୍', ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ଆଭ୍ରି ପକ୍ଷରୁ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ଅବସରରେ ଆଲୋଚନାଚକ୍ର, ବୁଦ୍ଧମନ୍ଦିର, ୟୁନିଟ-୪, ଅପରାହ୍ନ ୫ଟା ୩୦।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଅଟଳ ସାହିତ୍ୟ ସନ୍ଧ୍ୟା, ଜୟ ଭାରତ, ନିକୋ ପାର୍କ ଛକ, ଅପରାହ୍ନ ୫ଟା ୩୦।
- ତ୍ରୟୋଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ଚଉଷଠି ଯୋଗିନୀ ମନ୍ଦିର ପରିସର, ହୀରାପୁର, ସନ୍ଧ୍ୟା ୬ଟା ୩୦।

**କଟକ**

- କଟକ ସିଟି ଇଞ୍ଜିନିୟର୍ସ କ୍ଲବର ୧୭ତମ ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ ହଲ୍ ରୋଡ୍, ପୂର୍ବାହ୍ନ ୧୦ଟା।
- ରାଜକୁସୁମ କଳାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ, ଯୋବ୍ରା ଦୁର୍ଗା ମଣ୍ଡପ ପରିସର, ଅପରାହ୍ନ ୫ଟା।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଆବିର୍ଭାବ ମହାମହୋତ୍ସବ, ରେଲୱେ ଇନ୍ଷ୍ଟିଚ୍ୟୁଟ, ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ୩୦।

**ପୁରୀ**

- ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ, ଜିଲା ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ନଗରଭ୍ରମଣ ଓ ସାଂସ୍କୃତି କାର୍ଯ୍ୟକ୍ରମ, ଇନ୍ଦ୍ରପାଳ ଶ୍ରୀ ସାଇ କ୍ଷେତ୍ରପାଳ ସେବାଶ୍ରମ, ପୂର୍ବାହ୍ନ ୧୧ଟା।

### ନୂଆବର୍ଷ ପାଇଁ ସଜେଇ ହେଉଛି ପୁରୀ

# ଆକର୍ଷଣୀୟ ହେବ ସିଂହଦ୍ୱାର ଶେଡ୍





ସିଂହଦ୍ୱାର ସେଡ୍ ମଡେଲ୍‌ର ଉପର ଓ ଭିତର ପାର୍ଶ୍ୱ।

**ପୁରୀ ଅଫିସ, ୨୪।୧୨**

ଆସୁଛି ନୂଆବର୍ଷ। ସଜେଇ ହେଉଛି ପୁରୀ। ଭକ୍ତ, ପର୍ଯ୍ୟଟକ, ତୀର୍ଥଯାତ୍ରୀ ସମସ୍ତଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହେଉଛି ପର୍ଯ୍ୟଟନ ସହର। ବିଶେଷକରି ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି କୌଣସି ପ୍ରକାର ସମସ୍ୟାରେ ନ ପଡନ୍ତି ତାହା ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ଏଥିପାଇଁ ଏକାଧିକ ପ୍ରକଳ୍ପ କାମ ଆଗେଇ ଚାଲିଛି। ନୂଆବର୍ଷରେ ସିଂହଦ୍ୱାର ଅଞ୍ଚଳକୁ ଦିଆଯିବ ନୂଆ ରୂପ। ଏଥିନିମନ୍ତେ ଆକର୍ଷଣୀୟ ସାଜସଜ୍ଜା କରାଯାଉଛି। ନୂତନ ବ୍ୟାରିକେଡ ଏବଂ ଶେଡ୍ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଶେଡ୍ ଉପରେ କଭର ପକାଯାଉଥିବାବେଳେ ଆଉ ଦିନେ ଦୁଇଦିନ ମଧ୍ୟରେ ଏହା ପ୍ରସ୍ତୁତ ହୋଇଯିବ। ତେବେ ଯେତେ ପ୍ରକାର ସାଜସଜ୍ଜା କରାଯାଉଛି ସେଥିମଧ୍ୟରୁ ଶେଡ୍ ସବୁଠୁ ଅଧିକ ଆକର୍ଷଣୀୟ ହେବ ବୋଲି ଜଣାପଡିଛି।

ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଏହି ଆଦେଶକୁ ପାଳନ କରିବା ଲାଗି ଜିଲା ପ୍ରଶାସନ, ଶ୍ରୀମନ୍ଦିର ଏବଂ ପୋଲିସ ପ୍ରଶାସନ ସମସ୍ତେ ଲାଗିପଡିଛନ୍ତି। ଯାତାୟାତ ନିମନ୍ତେ ବଡ଼ଦାଣ୍ଡରେ ଟ୍ରାଫିକ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଯାଇଛି। ନିର୍ମାଣାଧୀନ ନୂତନ ବ୍ୟାରିକେଡ ପ୍ରବେଶ ପଥରେ ଯଥା ସମ୍ଭବ ଗହଳି କମାଇବା ପାଇଁ ଭିଆଇପି ଗାଡି ଉପରେ କଟକଣା ଲଗାଯାଇଛି। ମରିଚିକୋଟ ଛକଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ବଡ଼ଦାଣ୍ଡ ମଝିରେ ପାଦଚଲା କରିଡର କରାଯାଇଛି। ମରିଚିକୋଟ ଛକଠାରୁ ଏହା ମଧ୍ୟରେ ଭକ୍ତମାନେ ଚାଲି ଚାଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବେ। ସେହିପରି ଭିଆଇପି ଗାଡିଗୁଡିକ ମରିଚିକୋଟ ଛକଠାରୁ ଆଗକୁ ଯାଇପାରିବେ ନାହିଁ। ମରିଚିକୋଟ ଛକରେ ଓହ୍ଲାଇ ବ୍ୟାଟେରି ଅଟୋରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇପାରିବେ। ସେହିପରି ଭକ୍ତଙ୍କ ପାଇଁ ସ୍ଥାୟୀ ଜୋତା ଓ ମୋବାଇଲ ଷ୍ଟାଣ୍ଡ କାମ ଚାଲିଥିବାବେଳେ ପାନୀୟ ଜଳ, ଶୌଚାଳୟ ସୁବିଧା ମଧ୍ୟ କରାଯାଇଛି। ମଙ୍ଗୁ ମଠ ବ୍ୟବସାୟିକ କୋଠା ଉଚ୍ଛେଦ ପରେ ସେଥିରେ ଟାଇଲ ପକାଯାଇଛି। ସବୁଜ ବଳୟ ସୃଷ୍ଟି ଲାଗି ଗଛ କୁଣ୍ଡିଆ ସଜାଇ ରଖାଯାଇଥିବା ବେଳେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ମଧ୍ୟ ହୋଇଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ସିଂହଦ୍ୱାର ଅଞ୍ଚଳରେ ଏଭଳି ସାଜସଜ୍ଜାକୁ ଦେଖି ଖୁସି ହେଉଛନ୍ତି।

### ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଖାଦ୍ୟ ସୁରକ୍ଷା ଆଇନ ଉପରେ ହେବ ସୋସିଆଲ ଅଡିଟ୍

**ନିଯୁକ୍ତ ହେବେ ସ୍ୱତନ୍ତ୍ର ଅଧିକାରୀ**

**କଟକ ଅଫିସ,୨୪।୧୨:** ରାଜ୍ୟରେ ଖାଦ୍ୟ ସୁରକ୍ଷା ଆଇନର ବାସ୍ତବ କାର୍ଯ୍ୟକାରିତା ସଂକ୍ରାନ୍ତରେ ସୋସିଆଲ ଅଡିଟ୍ କରାଯିବ। ଏହି ଅଡିଟ୍ ଦ୍ୱାରା ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ସଚେତନ ହେବା ସହିତ ଲୋକେ ସେମାନଙ୍କ ଅଧିକାର ସମ୍ପର୍କରେ ମଧ୍ୟ ଅବଗତ ହେବେ। ବିଶେଷକରି କୁପୋଷଣ (ଅପପୁଷ୍ଟି) ରୋକିବା ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନାର ଠିକ୍ କାର୍ଯ୍ୟକାରିତା ବାବଦରେ ମଧ୍ୟ ଏହି ଅଡିଟ୍‌ରୁ ସବିଶେଷ ସୂଚନା ମିଳିପାରିବ। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଅଡିଟ୍‌ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ କରାଯିବ। ଏଥିପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅପପୁଷ୍ଟି ରୋକିବା ପାଇଁ ସରକାରଙ୍କ ବହୁବିଧ ଯୋଜନା ସତ୍ତ୍ୱେ ମାଲକାନଗିରି ଜିଲାରେ ବହୁ ସଂଖ୍ୟକ ଶିଶୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଏହି ରୋଗରେ ପୀଡ଼ିତ ହୋଇ ଅନେକ ଶିଶୁଙ୍କ ମୃତ୍ୟୁ ଘଟିଛି। ୨୦୦୭-୦୮ରୁ ୨୦୧୧-୧୨ ମଧ୍ୟରେ ଏହି ଜିଲାରେ ୫ହଜାରରୁ ଊର୍ଦ୍ଧ୍ୱ ଶିଶୁ କୁପୋଷଣର ଶିକାର ହୋଇଥିଲେ। ଏହାକୁ ନେଇ ଆଡଭୋକେଟ ପ୍ରବୀର ଦାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହା ପରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମାନ ଧରଣର ଆଉ ଏକ ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା। ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ସୁରକ୍ଷା ଆଇନର ଧାରା ୧୫ ଅନୁଯାୟୀ ପ୍ରତ୍ୟେକ ଜିଲାରେ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଏହି ଅଧିକାରୀମାନେ ଲୋକଙ୍କୁ ସେମାନଙ୍କ ଅଧିକାର ଓ ଆଇନ ସମ୍ପର୍କରେ ସଚେତନ କରାଇବେ। ଅଧିକାରୀ ନିଯୁକ୍ତ ପାଇଁ ସରକାର ଆସନ୍ତା ଜାନୁୟାରୀ ୩୧ ତାରିଖ ସୁଦ୍ଧା ନିୟମାବଳୀ ପ୍ରସ୍ତୁତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉକ୍ତ ଆଇନର ଧାରା ୨୮ ଅନୁଯାୟୀ ସୋସିଆଲ ଅଡିଟ୍ କରାଯିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

No. D-237

DIRECTORATE GENERAL
FIRE SERVICES, HOME GUARDS & CIVIL DEFENCE, ODISHA

**TENDER CALL NOTICE**
**NO.-3/2019-20.**

1. Sealed tenders are invited from the fabricators having own fabrication unit for fabrication of Mini Motor Fire Engine and Towing Tender for Fire Service Organization during the year 2019-20.

| Sl No. | Name of the item | Approximate Quantity |
|---|---|---|
| 1 | Fabrication of Mini Motor Fire Engine on chassis model: - Tata LPT-709 EX2/38 Tilt Cab Chassis BS-IV with Best-in-Class 125 HP CRDi Engine, Dual Circuit Full Air S-Cam Brakes and PTO Provision. (The chassis/ vehicle shall be supplied by the Department) | 08 Nos |
| 2 | Fabrication of Towing Tender on vehicle model: - Tata SFC-407 EX2/33 Cab & 10 Feet High Deck Load Body with Power Steering, Radial Tyres, Anti-Rull Bar at Front, Mobile Charger Socket & Heat-Resistant Vinyl Fabric Seats BS-IV. (The chassis/ vehicle shall be supplied by the Department) | 19 Nos |

2. Sale of tender document w. e. f. dt. 26-12-2019.
3. Last date for sale of tender document dt. 15-01-2020, 5.30 P.M.
4. Last date for receipt of tender document dt. 15-01-2020, 5.30 P.M.
5. Date for opening of tenders/Technical Bids dt. 16-01-2020, 11.00 AM. onward.
6. The tender document with detail technical specification, condition may be seen from the state website www.odisha.gov.in and Odisha Fire Service website www.odishafshgscd.gov.in. The tender document may be obtained by depositing `500/- (Rupees five hundred) only between 11.00 A.M to 5.30 P.M each working days.
7. Address.
Directorate General of F.S, H.Gs & C.D,
At-3rd Floor of Vigilance Directorate,
Nuapatna, Cuttack, Pin-753001
FAX-0671-2300201/ 2303387.

I.G of Police, Fire Service,
Home Guards & Civil Defence,
Odisha, Cuttack.

Address - 3rd Floor, Vigilance Building, Nuapatna, Buxibazar, Cuttack-753001
Tel. - 0671-2300317, Fax : 0671-2300201,

12006/11/0004/1920

### ରଥକାଠ ପାଇଁ ଗଛ କଟା ଅନୁକୂଳ

# ଜାନୁୟାରୀ ୬ରେ ନୟାଗଡ଼ ଯିବେ ୫ ଜଣିଆ ଟିମ୍

**ପୁରୀ ଅଫିସ, ୨୪।୧୨**



ଆସନ୍ତା ରଥଯାତ୍ରା ପାଇଁ ସଜବାଜ ହେଲାଣି ଶ୍ରୀମନ୍ଦିର। ପରମ୍ପରା ଅନୁଯାୟୀ, ଗଣିଆର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ପରେ ରଥ ପାଇଁ କାଠ କାଟିବା ଅନୁକୂଳ ହୋଇଥାଏ। ଏଥିପାଇଁ ଆସନ୍ତା ଜାନୁୟାରୀ ୬ ତାରିଖରେ ଶ୍ରୀମନ୍ଦିରର ୫ ଜଣିଆ ଟିମ୍ ନୟାଗଡ଼ ଗସ୍ତ କରିବେ ବୋଲି ଜଣାପଡିଛି। ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏହି ଟିମ୍‌ରେ ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ଭୋଇ ସର୍ଦ୍ଦାର ରବି ଭୋଇ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଏବଂ ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର ଯିବାର କାର୍ଯ୍ୟକ୍ରମ ରହିଛି। ଏମାନେ ସାଥିରେ ମାଳ ମାହାର୍ଦ୍ଦ, ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ଧୂପ, ଦୀପ, ନଡ଼ିଆ ପ୍ରଭୃତି ନେଇଯିବେ। ୭ ତାରିଖରେ ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ କଟା ଶୁଭାରମ୍ଭ ହେବ ବୋଲି ଜଣାପଡିଛି। ରଥ ସଂହିତା ଅନୁଯାୟୀ ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତ ବର୍ଷ ଆସିଥିବା କାଠ ମଧ୍ୟରୁ ୧୯୩ ଖଣ୍ଡ ବଳକା ରହିଛି। ବାକି ୬୭୨ ଖଣ୍ଡ କାଠ ଏ ବର୍ଷ ଆସିବ।

**ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ଅନୁଗୋଳ**
Ph: 06764-231346 (O), E-Mail: dpo.od-ang@nic.in,
Website: www.angul.nic.in

**ନୋଟିସ ସଂଖ୍ୟା 2127 / ଗ୍ରା.ପ. ତାରିଖ 24.12.2019**

**No.F-80:-** ଏତଦ୍ୱାରା ଗାଡ଼ି ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ଗ୍ରାମପଞ୍ଚାୟତ ସାଧାରଣ ନିର୍ବାଚନ, ୨୦୧୭ ମସିହାରେ ଯେଉଁ ଗାଡ଼ି (ଯାନ)ଗୁଡ଼ିକ ଏହି ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ, କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ଗାଡ଼ିଗୁଡ଼ିକ ନିୟୋଜିତ ହୋଇଥିବା ସମୟର ଭଡ଼ା (Hire charges) ବାବଦକୁ ପ୍ରାପ୍ୟ ପାଇ ନାହାନ୍ତି, ସେହି ଗାଡ଼ିମାଲିକମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ସେମାନଙ୍କର ଗାଡ଼ିର Log Book, ବ୍ୟାଙ୍କ ପାସ୍ ବହିର ପ୍ରଥମ ପୃଷ୍ଠାର ନକଲ, ଗାଡ଼ିର RC ବହିର ନକଲ ଜିଲ୍ଲା ପଞ୍ଚାୟତ ଅଧିକାରୀ, ଅନୁଗୋଳଙ୍କ ଠିକଣାରେ ଆସନ୍ତା ତା.୧୦।୦୧।୨୦୨୦ ରିଖ ସୁଦ୍ଧା କାର୍ଯ୍ୟାଳୟ E-mail (dpo.od-ang@nic.in) କିମ୍ବା Speed Post ଯୋଗେ ପ୍ରଦାନ କଲେ, ତାହା ସମ୍ପୃକ୍ତ ଗାଡ଼ି ମାଲିକଙ୍କର ପ୍ରାପ୍ୟକୁ online transfer ମାଧ୍ୟମରେ ପଇଠ କରାଯିବ। ଧାର୍ଯ୍ୟ ତାରିଖ ମଧ୍ୟରେ ନ ଜଣାଇଲେ ତତ୍‌ସମ୍ବନ୍ଧୀୟ କୌଣସି ଦାବିକୁ ପରବର୍ତ୍ତୀ ସମୟରେ ଗ୍ରହଣ କରାଯିବ ନାହିଁ ଏବଂ ସମ୍ପୃକ୍ତ ଅର୍ଥକୁ ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା, ଭୁବନେଶ୍ୱରଙ୍କଠାରେ ଜମା କରି ଦିଆଯିବ। ଏଥିପାଇଁ କର୍ତ୍ତୃପକ୍ଷ ପରବର୍ତ୍ତୀ ସମୟରେ କୌଣସି ପ୍ରକାରେ ଦାୟୀ ରହିବେ ନାହିଁ।

24012/11/0005/1920 **ସ୍ୱା./- ଜିଲ୍ଲାପାଳ, ଅନୁଗୋଳ**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KORAPUT**
**Ref: 6898** **Date: 24.12.19**

No.E-615 :- Expression of Interest (EOI) is invited for empanelment of part time specialist "O & G" to be engaged at Urban PHC under AMA Clinic Programme, NUHM. The eligible candidates are requested to apply for the same on or before 03.01.2020 by 5 P.M. through Speed Post/ Registered Post/Courier to O/o Chief District Medical & Public Health Officer, Koraput, near Jail Road, Po/Dist.-Koraput. The District website i.e www.koraput.nic.in may be visited for details of application forms, eligibility criteria and other terms and conditions.

Sd./-
**10077/11/0011/1920** **CDMO, Koraput**

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ନିହାର ରଞ୍ଜନ



ବସନ୍ତ



ସାମସୁଲ



ଉମାଶଙ୍କର



ଅରୋସ୍ମୃତି





ସୋଏବ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା : ୧୩୮୮୬ /IND-II-NOC-Misc/289 ତାରିଖ : ୨୪।୧୨।୨୦୧୯

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ମହାନଦୀ କୋଲ୍ ଫିଲଡ୍ସ ଲିମିଟେଡ୍,** ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ(MoEF& CC)ଙ୍କ ଠାରେ ଓଡ଼ିଶା ରାଜ୍ୟର ଅନୁଗୋଳ ଜିଲ୍ଲାର ତାଳଚେର ତହସିଲ ଅନ୍ତର୍ଗତ ଡଅଁରା, କୋଚିଆନାଳୀ ଏବଂ ନାତିଡି ମୌଜାର ୪୮୩.୨୨୭ ହେକ୍ଟର ପରିମିତ ଅଞ୍ଚଳରେ ଗେଜେଟ ବିଜ୍ଞପ୍ତି S.O. 1530 (E) ତା.୦୬।୦୪।୨୦୧୮ ରିଖ ଅନୁସାରେ, **ନଟରାଜ ଭୂତଳ କୋଇଲା ଖଣି ପ୍ରକଳ୍ପ (ବାର୍ଷିକ ୦.୬୪ ଏମ୍.ଟି.) ନିମନ୍ତେ ପରିବେଶୀୟ ମଞ୍ଜୁରୀ** (Environment Clearance)ର ପୁନଃବୈଧିକରଣ (Revalidation) ନିମନ୍ତେ ପ୍ରସ୍ତାବ ପ୍ରଦତ୍ତ ହୋଇଅଛି।

ପ୍ରକାଶଥାଉକି, ନଟରାଜ ଭୂତଳ କୋଇଲା ଖଣି ପ୍ରକଳ୍ପ (ବାର୍ଷିକ ୦.୬୪ ଏମ୍.ଟି.) କ୍ଷମତା ବିଶିଷ୍ଟ, ଓଡ଼ିଶା ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟଙ୍କଠାରୁ ଇ.ଆଇ.ଏ. (EIA) ବିଜ୍ଞପ୍ତି ୧୯୯୪ ଓ ତତ୍ପର ସଂଶୋଧନ ବିଧାନ ଅନୁଯାୟୀ ପତ୍ର ସଂଖ୍ୟା- J-11015/306/2005-JA. II(M), ତା.୧୪।୦୭।୨୦୦୬ ରିଖ ମାଧ୍ୟମରେ EIA ବିଜ୍ଞପ୍ତି-୧୯୯୪ ଏବଂ ପରବର୍ତ୍ତୀ ସଂଶୋଧନ ଅନୁଯାୟୀ ପରିବେଶୀୟ ମଞ୍ଜୁରୀ (EC) ପ୍ରାପ୍ତ ହୋଇଛନ୍ତି। ଅଧିକନ୍ତୁ ଗେଜେଟ ବିଜ୍ଞପ୍ତି ସଂଖ୍ୟା- S.O. 1530 (E) ତା.୦୬।୦୪।୨୦୧୮ ରିଖ ପ୍ରକାଶନରେ ଯେଉଁ ପ୍ରକଳ୍ପଗୁଡ଼ିକ EIA ବିଜ୍ଞପ୍ତି -୧୯୯୪ ଅନୁଯାୟୀ ପରିବେଶୀୟ ମଞ୍ଜୁରୀ ପ୍ରାପ୍ତ ହୋଇଛନ୍ତି, ସେଗୁଡ଼ିକ ପୁନଶ୍ଚ ୨୦୦୬-EIA ବିଜ୍ଞପ୍ତି ଅନୁଯାୟୀ ପରିବେଶୀୟ ମଞ୍ଜୁରୀ ପ୍ରାପ୍ତ ହେବା ଆବଶ୍ୟକ ହେଉଛି, ତେଣୁ EIA ବିଜ୍ଞପ୍ତି ୨୦୦୬ ମୁତାବକ ECର ପୁନଃବୈଧୀକରଣ ସକାଶେ ପ୍ରସ୍ତାବ ଦିଆଯାଇଅଛି ଏବଂ ଏହି ପ୍ରସ୍ତାବ ତା୨୭।୦୫।୨୦୧୯ରିଖରେ ଅନୁଷ୍ଠିତ ୪୫ତମ ସୁବିଜ୍ଞ ମୂଲ୍ୟ ନିରୂପଣ କମିଟି (EAC)ଙ୍କ ଦ୍ୱାରା ବିଚାର୍ଯ୍ୟ ହୋଇଛି। EIA କମିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ସମସ୍ତ ବ୍ୟକ୍ତି/ଅନୁଷ୍ଠାନମାନଙ୍କ ଗୋଚରାର୍ଥେ ଏହି ବିଜ୍ଞପ୍ତି ପ୍ରକାଶ କରାଯାଉଛି। ଯାହାଦ୍ୱାରା କି ଯଦି କୌଣସି ବ୍ୟକ୍ତି/ଅନୁଷ୍ଠାନଙ୍କର ପ୍ରକଳ୍ପ ସମ୍ବନ୍ଧୀୟ କୌଣସି ମତାମତ ଥାଏ, ତେବେ ସେଗୁଡ଼ିକ ଲିଖିତ ଆକାରରେ ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ମାନ୍ୟବର ମେମ୍ବର ସେକ୍ରେଟାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା, ଭୁବନେଶ୍ୱରଙ୍କ ଠିକଣାରେ ରେଜିଷ୍ଟ୍ରି ଡାକ ଯୋଗେ ପ୍ରେରଣ କରି ପାରିବେ।

**ନଟରାଜ ଭୂତଳ କୋଇଲା ଖଣି ପ୍ରକଳ୍ପ (ବାର୍ଷିକ ୦.୬୪ ଏମ୍.ଟି.)ର ବର୍ତ୍ତମାନର ସ୍ଥିତି:-**

ନଟରାଜ ଭୂତଳ କୋଇଲା ଖଣି ପ୍ରକଳ୍ପ (ବାର୍ଷିକ ୦.୬୪ ଏମ୍.ଟି) ଏକ ପ୍ରସ୍ତାବିତ କୋଇଲା ଖଣି ପ୍ରକଳ୍ପ ଅଟେ। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟକ୍ରମ ତା.୦୭।୦୩।୨୦୧୧ଠାରୁ ଆରମ୍ଭ ହୋଇଛି ଏବଂ ଇଂକ୍ଲାଇନ ନଂ ୧ ଓ ୨ର ଡ୍ରାଇଭେଜ କାର୍ଯ୍ୟ ୧୭୦ ମିଟର ଦୈର୍ଘ୍ୟ ପର୍ଯ୍ୟନ୍ତ ଅଗ୍ରଗତି କରିଛି।

ଏହି ସମ୍ବନ୍ଧରେ ଅଧିକ ତଥ୍ୟାବଳୀର ଆବଶ୍ୟକତା ଅନୁଭୂତ ହେଲେ ଆଞ୍ଚଳିକ କାର୍ଯ୍ୟ ନିର୍ବାହୀ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଅନୁଗୋଳ ଅଥବା ମାନ୍ୟବର ମେମ୍ବର ସେକ୍ରେଟାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କ ସହ ଯୋଗାଯୋଗ କରାଯାଇପାରେ। ମତାମତଗୁଡ଼ିକ ଲିଖିତ ଆକାରରେ ହୋଇନଥିଲେ ଏବଂ ଧାର୍ଯ୍ୟ ସମୟରେ ଦାଖଲ ହୋଇନଥିଲେ ଗ୍ରହଣଯୋଗ୍ୟ ହେବ ନାହିଁ।

**ସ୍ୱା./- ସଦସ୍ୟ ସଚିବ**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BHADRAK**
(Department of Health & FW, Govt. of Odisha)

**ନୋଟିସ**

No.E-610 :- ବିଭିନ୍ନ ସୂତ୍ରରୁ ଏହା ଅବଗତ ହୋଇଛୁ ଯେ, ଭଦ୍ରକ ଜିଲ୍ଲାର ଅଧିକାଂଶ ଘରୋଇ ଚିକିତ୍ସାଳୟ, ପାଥୋଲାବ, ସିଟିସ୍କାନ, ଏକ୍ସ-ରେ, କ୍ଲିନିକ୍, ଅଲଟ୍ରାସାଉଣ୍ଡ ଓ ଔଷଧ ଦୋକାନ ସଂଲଗ୍ନ କ୍ଲିନିକ୍‌ଗୁଡିକ ବିନା ପଞ୍ଜୀକରଣ ବା ବିନା ନବୀକରଣରେ ଚାଲୁଅଛି।

ଏଣୁ ଭଦ୍ରକ ଜିଲ୍ଲାର ଉପରୋକ୍ତ ସମସ୍ତ ଅନୁଷ୍ଠାନର ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସେମାନେ ତାଙ୍କର ଅନୁଷ୍ଠାନର ପଞ୍ଜୀକରଣ ବା ନବୀକରଣ ପାଇଁ ସରକାରଙ୍କ ବିଜ୍ଞପ୍ତି ପତ୍ର ସଂ.୧୨୨୭୦, ତା୨୩।୦୪।୨୦୧୮ ଅନୁସାରେ ଆସନ୍ତା ୧୫ଦିନ ମଧ୍ୟରେ ଅଫଲାଇନ୍ ଓ ଅନଲାଇନ୍ ମାଧ୍ୟମରେ ଆବେଦନ କରି ବୈଧତା ପ୍ରମାଣ କରାଇବାକୁ ସୁଯୋଗ ଦିଆଗଲା। ନଚେତ ଉକ୍ତ ବିଜ୍ଞାପନର ଠିକ୍ ୧୫ଦିନ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସ୍ୱା./- ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଭଦ୍ରକ**
10123/11/0009/1920



ମାଛ ବିନା ପୋଖରୀ ଥାଇପାରେ,
କିନ୍ତୁ ନିନ୍ଦୁକ ବିନା ଗ୍ରାମ ନାହିଁ।
-ଫକୀର ମୋହନ ସେନାପତି



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣ

### ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ): ବାଇକ୍ ସାଇଡ ମାରିବାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣ କରିବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳରେ ରହୁଥିବା ସଚିନ ପାଣି। ଏଥିସହ ଆକ୍ରମଣରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପୋଲିସ ଚଢ଼ାଉ ଜାରି ରଖିଛି। ପୋଲିସ ସୂଚନା ମୁତାବକ, ଖାରବେଳନଗର ଥାନା ଅଞ୍ଚଳରେ ଆକ୍ରମଣର ଶିକାର ଯୁବକ ଅବିନାଶ ସପରିବାର ରୁହନ୍ତି। ସୋମବାର ସନ୍ଧ୍ୟାରେ ଅବିନାଶ କୌଣସି କାମରେ ଘରୁ ବାହାରି ବାଇକ୍ ଯୋଗେ ଯାଉଥିବା ବେଳେ ସଚିନଙ୍କ ସହ ସମାନ୍ୟ ଦୁର୍ଘଟଣା ଘଟିଥିଲା। ଏଥିରେ ସଚିନ ଏବଂ ତାଙ୍କ ୨ ଜଣ ସହଯୋଗୀ ଏକାଠି ହୋଇ ଅବିନାଶଙ୍କୁ ମାଡମାରି ମୁଣ୍ଡ ଫଟାଇ ଦେଇଥିଲେ। ଏ ନେଇ ଥାନାରେ ଅବିନାଶ ଅଭିଯୋଗ କରିବା ପରେ ପୋଲିସ ନଂ. ୬୯୨/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ସଚିନଙ୍କୁ ମଙ୍ଗଳବାର ଗିରଫ କରିଥିଲା। ଗିରଫ ସଚିନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଯୁବତୀଙ୍କୁ ଫଟୋ ଭାଇରାଲ ଧମକ, ପ୍ରେମିକ ଗିରଫ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ): ପ୍ରେମ ସମ୍ପର୍କରେ ଫାଟ ଆସିବା ପରେ ଯୁବତୀଙ୍କୁ ଗାଳିଗୁଲଜ କରି ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାର ଧମକ ଦେଉଥିବା ଅଭିଯୁକ୍ତ ପ୍ରେମିକଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପୁରୀ ଜିଲା ଗୁରୁଡିପାଲୋ ଗ୍ରାମର ବିଜୟ କୁମାର ପ୍ରଧାନ (୨୪)। ପୋଲିସ ସୂଚନା ମୁତାବକ, ଭଦ୍ରକ ଅଞ୍ଚଳର ଜଣେ ଯୁବତୀଙ୍କ ସହ ଅଭିଯୁକ୍ତ ବିଜୟଙ୍କ ରାଜଧାନୀରେ ଭେଟ ପରେ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରେମ ସମ୍ପର୍କରେ କୌଣସି କାରଣକୁ ନେଇ ଫାଟ ସୃଷ୍ଟି ହେବା ପରେ ଉଭୟ ଅଲଗା ହୋଇଯାଇଥିଲେ। ଅଭିଯୁକ୍ତ ବିଜୟ ଯୁବତୀଙ୍କୁ ଫୋନରେ ଖରାପ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରି ଦେଇଥିଲେ। ପରେ ବିବାଦ ବଢିବାରୁ ତାଙ୍କର କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାର ଧମକ ଦେଇଥିଲେ। ଏ ନେଇ ଯୁବତୀ ଜଣକ ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୫୫/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ବିଜୟଙ୍କୁ ମଙ୍ଗଳବାର ଗିରଫ କରିଥିଲା।

### ଅପହରଣ ପରେ ପୋଲିସ ସହାୟତାରେ ମୁକ୍ତି

ପୁରୁଣା ଭୁବନେଶ୍ୱର ,୨୪।୧୨ (ଡି.ଏନ.ଏ.): ନୂଆବର୍ଷ ଆରମ୍ଭ ପୂର୍ବରୁ ଅପରାଧୀ ପୋଲିସ୍ ପ୍ରଶାସନ ପାଇଁ ନୂଆ ନୂଆ କୌଶଳରେ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି। ଜମି ଦେଖାଇବା ବାହାନାରେ ୨୦ ତାରିଖରେ ସାରସ୍ୱତ ମହାପାତ୍ରଙ୍କୁ ବନ୍ଧୁକ ଦେଖାଇ ମୁଣ୍ଡ ଜାମିନ ରଖି ତାଙ୍କ ସ୍ତ୍ରୀଙ୍କଠାରୁ ଟଙ୍କା ମଗା ଯାଇଥିଲା। ପରବର୍ତ୍ତୀ ସମୟରେ ସ୍ତ୍ରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ପୋଲିସ୍ ସହାୟତାରେ ଉଦ୍ଧାର ପାଇଥିବା ଅପହୃତଙ୍କ ଏତଲା ଦେବା କାରଣରୁ ଏବେ ଅପହରଣକାରୀଙ୍କ ପକ୍ଷରୁ ଧମକ ମିଳୁଛି। ପୋଲିସ ଉପସ୍ଥିତିରେ ଘଟଣାସ୍ଥଳରେ ଧମକ ଦେଇ ଫେରାର ହୋଇଥିବା ଅପହରଣମାରୀମାନଙ୍କୁ ଦୁଇଦିନ ପରେ ମଧ ଗିରଫ କରାଯାଇ ପାରିନାହିଁ। ନୂଆବର୍ଷ ଆଗମନରେ ପେଷାଦାର ଅପରାଧୀଙ୍କ ଏପରି ଖୁଲମଖୁଲା ଅପରାଧ ଘଟାଇବା ଓ ଫେରାର ରହି ଫୋନ୍ ଯୋଗେ ଜୀବନରୁ ମାରି ଦେବାର ଧମକ ସହ ଟଙ୍କା ଦାବି କରିବା ପୋଲିସ ପାଇଁ ଏବେ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

### ଚନ୍ଦକାରୁ କାଟିଣୀ ରାସ୍ତାରେ ଉଚ୍ଛେଦ ଆରମ୍ଭ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ): ଦିନକୁ ଦିନ ଗାଡ଼ିମୋଟରର ବ୍ୟବହାର ବୃଦ୍ଧି ପାଉଥିବାବେଳେ ଚନ୍ଦକାରୁ କାଟିଣୀ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତ କରାଯିବ। ଏ ନେଇ ମଙ୍ଗଳବାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଡିଏ, ବିଏମ୍‌ସି, କମିଶନରେଟ ପୋଲିସ୍‌ର ମିଳିତ ଟିମ୍ ଚନ୍ଦକାଠାରୁ କାଟିଣୀ ଯାଏ ଥିବା ରାସ୍ତାପାଖ ଜବରଦଖଲ ହଟାଯାଇଛି। ପ୍ରଥମ ଦିନରେ ୧୪ଟି ଆଜବେଷ୍ଟସ୍ ଦୋକାନ, ୧୨ଟି କ୍ୟାବିନ୍ ଓ ୭ଟି ଜରିବନ୍ଧା ଅସ୍ଥାୟୀ ଦୋକାନକୁ ଭାଙ୍ଗାଯାଇଛି। କାର୍ଯ୍ୟରେ ୨ଟି ପ୍ରୋକଲିନ୍ ମେଶିନ୍‌ର ବ୍ୟବହାର ହୋଇଥିଲା।

■ବାହାଦଲପୁର ଅନିଲ ଜେନା ହତ୍ୟା ଘଟଣାର ପର୍ଦ୍ଦାଫାଶ

# ଦେଢ଼ମାସ ପରେ ରାୟଗଡ଼ାରୁ ଦୁଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ): ଖଣ୍ଡଗିରି ଥାନା ବାହାଦଲପୁର ଅନିଲ ଜେନା ହତ୍ୟା ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଦୁଇମାସ ପରେ ଧରାପଡ଼ିଛନ୍ତି। ଖଣ୍ଡଗିରି ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍‌ର ମିଳିତ ଟିମ୍ ରାୟଗଡାର ହାତୀଖମ୍ବରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ଶରକନ୍ତରା ଗ୍ରାମର ଭରତ ରାଉତ(୨୯) ଓରଫ ବାପି ଏବଂ ଦୁର୍ଗା ପ୍ରସାଦ ସାହୁ(୨୬) ଓରଫ ହାପିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ ଓ ଏକ ପଲସ୍‌ର ବାଇକକୁ ଜବତ କରିଛି। କେସ୍ ନଂ-୬୩୫/୧୯ ଦଫା ୩୪୧,୨୯୪,୩୦୨, ୩୦୭,୩୪ ଲଗାଇ ଉଭୟଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ଜମିବାଡି ବିବାଦ ଓ ନିଶା କାରବାରକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି କମିଶନରେଟ ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏଥିରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ରାଜା ଫେରାର ଥିବାରୁ ତାଙ୍କୁ ଧରିବାକୁ ଚଢ଼ାଉ ଚାଲିଛି। ପୂର୍ବରୁ ଏହି ୩ ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ଚିତ୍ତରଞ୍ଜନ ପରିଡା, ପୁଲକ ହାତୀ ଓ ଆଲୋକ ପ୍ରଧାନଙ୍କୁ ୧୨୦(ବି)ରେ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ସୂଚନା ଆଧାରରେ ଚଢ଼ାଉ ଜାରି ରହିଥିଲା। ତଦନ୍ତ ବାଧାପ୍ରାପ୍ତ ଆଶଙ୍କାରେ ସେତେବେଳେ ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦିଆଯାଇ ନ ଥିଲା ବୋଲି କମିଶନର କହିଛନ୍ତି।



ଗିରଫ ଭରତ ରାଉତ ଓ ଦୁର୍ଗାପ୍ରସାଦ ସାହୁ।

■ ଜମି ବିବାଦ, ନିଶା କାରବାରକୁ ନେଇ ହୋଇଥିଲା ହତ୍ୟା

■ ଦେଶୀ ବନ୍ଧୁକ, ବାଇକ୍ ଜବତ: ପୂର୍ବରୁ ଗିରଫ ହୋଇଥିଲେ ୩

#### କିଭଳି ହୋଇଥିଲେ ଫେରାର

ଅନିଲଙ୍କୁ ହତ୍ୟା ପରେ ହାପିକୁ ଗାଡ଼ି ପାଇଁ ପଠାଇ ରାଜା ଓ ବାପି ସରକନ୍ତରା ଗାଁର ଶେଷ ମୁଣ୍ଡରେ ଲୁଚି ରହିଥିଲେ। ପରେ ୩ଜଣ ବାଇକରେ ଖୋର୍ଦ୍ଧା ଗଡ଼ମାଣିତ୍ରୀକୁ ଯାଇଥିଲେ। ସେଠାରେ ଚିତ୍ତରଞ୍ଜନଙ୍କୁ ଉକ୍ତ ବାଇକ୍ ଦେଇ ତାଙ୍କଠାରୁ ଏକ ପଲ୍‌ସର ନେଇ ପୁରୀ ପଳାଇଥିଲେ। ଧରାପଡ଼ିଯିବା ଭୟରେ ଦୋକାନ, ମନ୍ଦିର ଓ ଗଛ ମୂଳେ ଶୋଇଥିଲେ। ଏହାପରେ ରାୟଗଡା ଚାଲିଯାଇଥିଲେ। ଖୋର୍ଦ୍ଧାର ଏକ ଏଟିଏମ୍‌ରୁ ଉଠାଇଥିବା ୪୦ ହଜାର ଟଙ୍କା ନେଇ ଖର୍ଚ୍ଚ କରୁଥିଲେ। ରାୟଗଡାରେ ଥିବା ଅନ୍ୟଜଣେ ସହଯୋଗୀଙ୍କୁ ବେପାର କରିବାକୁ କହି ଘର ଭଡା ନେଇ ରହୁଥିଲେ।

#### କିଭଳି ଧରିଲା ପୋଲିସ

ଅଭିଯୁକ୍ତମାନେ ମୋବାଇଲ୍, ଇ-ମେଲ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବ୍ୟବହାର କରୁ ନ ଥିବାରୁ ସେମାନଙ୍କୁ ଧରିବା ପୋଲିସ ପାଇଁ କଷ୍ଟକର ଥିଲା। ଏପରି କି ସେମାନେ ଘର ଲୋକଙ୍କ ସହ ଯୋଗାଯୋଗ କରୁ ନ ଥିଲେ। ପୋଲିସ ପ୍ରଥମେ ଅଭିଯୁକ୍ତଙ୍କ ସମ୍ପର୍କରେ ଥିବା ଲୋକଙ୍କ ବିଷୟରେ ଖୋଳତାଡ଼ କରିଥିଲା। ସେମାନଙ୍କୁ ରାୟଗଡ଼ାରେ ବାପିର ଜଣେ ଚିହ୍ନା ଲୋକ ଥିବା ସୂଚନା ମିଳିବା ପରେ ସେଠାରେ ଚଢ଼ାଉ କରି ବାପି ଓ ହାପିଙ୍କୁ ଗିରଫ କରିଥିଲା।

#### ହତ୍ୟାର କାରଣ

ବାପିଙ୍କ ମା' ନାମରେ ରହିଥିବା ସମ୍ପତ୍ତିକୁ ବାପା ଶାଗମାଛ ଦରରେ ଗ୍ରାମର କେତେଜଣଙ୍କୁ ବିକ୍ରି କରିଦେଇଥିଲେ। ବାପି ଏହାକୁ ଫେରାଇ ଆଣିବାକୁ ଚାହୁଁଥିବାରୁ ବିବାଦ ଆରମ୍ଭ ହୋଇଥିଲା। ଏପରି କି ବାପି ପୂର୍ବରୁ ହତ୍ୟା ମାମଲାରେ ଜେଲରୁ ଜାମିନରେ ଆସିବା ପରେ ତାଙ୍କର ଲୋକଙ୍କ ସହ ଭଲ ସମ୍ପର୍କ ନ ଥିଲା। ସେହିପରି ଅନିଲ ଜେନା ମଧ୍ୟ ଅନ୍ୟଏକ ହତ୍ୟା ମାମଲାରେ ଜେଲରୁ ଫେରିବା ପରେ ବାପିଙ୍କଠାରୁ ଜମି କିଣିଥିବା ଲୋକଙ୍କୁ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ବାପିର ସହଯୋଗୀ ଆଲୋକ ଗ୍ରାମରେ ବ୍ରାଉନସୁଗାର ବେପାର କରୁଥିବାରୁ ଏହାକୁ ମଧ ଅନିଲ ବିରୋଧ କରୁଥିଲେ। ଏସବୁ କାରଣକୁ ନେଇ ବାପି ଓ ଅନିଲଙ୍କ ମଧ୍ୟରେ ଶତ୍ରୁତା ବଢ଼ିଥିଲା। ଅନିଲଙ୍କୁ ରାସ୍ତାରୁ ହଟାଇବାକୁ ବାପି ଯୋଜନା କରି ସଫଳ ହୋଇଥିଲେ।

#### ହତ୍ୟାକାଣ୍ଡର ଘଟଣାବଳୀ

ହତ୍ୟାକାଣ୍ଡର ଗୋଟିଏ ଦିନ ପୂର୍ବରୁ ଅଥାତ୍ ନଭେମ୍ବର ୬ରେ ବାପି ନିଜର ଜନ୍ମଦିନ ପାଳିବା ପାଇଁ ସହଯୋଗୀ ହାପି ଓ ରାଜାଙ୍କ ସହ ପୁରୀ ଯାଇଥିଲେ। ଏହି ସମୟରେ ଖବର ପାଇଥିଲେ ଯେ ଅନିଲ ଗ୍ରାମର ଲୋକଙ୍କୁ ଧରି ତାଙ୍କୁ ଆକ୍ରମଣ ପାଇଁ ଯୋଜନା କରୁଛନ୍ତି। ତେଣୁ ବାପି ଦୁଇ ସହଯୋଗୀଙ୍କ ସହ ମିଶି ଅନିଲକୁ ମାରିବାକୁ ନିଷ୍ପତ୍ତି ନେଇଥିଲେ। ଘଟଣା ଦିନ ସେମାନେ ଘର ପଛ ମାଟିତଳେ ପୋତିଥିବା ଦୁଇଟି ବନ୍ଧୁକ ଆଣିଥିଲେ। ଏକ ବାଇକରେ ୩ଜଣ ବାହାଦଲପୁର ହନୁମାନ ମନ୍ଦିର ନିକଟରେ ଜଗି ରହିଥିଲେ। ଅନିଲ ଘରକୁ ଯାଉଥିବାବେଳେ ଅଟକାଇଥିଲେ। ତାଙ୍କ ଛାତିକୁ ବାପି ଗୁଳି ମାରିଥିଲେ। ଏହାଦେଖି ବାପା ଅଭିମନ୍ୟୁ ଜେନା ଅଟକାଇବାକୁ ଆସିବାରୁ ତାଙ୍କ ଗୋଡ଼କୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ।

### ଭୌତିକ ପ୍ରଗତି ବିକାଶ ନୁହେଁ: ଗଜପତି

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ହିଁ ଆଦର୍ଶ ଚରିତ୍ର ନିର୍ମାଣ କରିପାରିବ। ଭୌତିକ ପ୍ରଗତିରେ ସର୍ବାଙ୍ଗୀନ ବିକାଶ ସମ୍ଭବ ନୁହେଁ। ଆଦର୍ଶ ମାନବ ବର୍ତ୍ତମାନର ସମୟରେ ସମାଜ ପାଇଁ ନିତାନ୍ତ ଆବଶ୍ୟକ ବୋଲି ଗଜପତି ମହାରାଜ ଦିବ୍ୟସିଂହ ଦେବ କହିଛନ୍ତି। ଖଣ୍ଡଗିରିସ୍ଥିତ ଶିବାନନ୍ଦ ଶତବାର୍ଷିକ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ତ୍ରିଦିବସୀୟ ଦିବ୍ୟ ଜୀବନ ସଙ୍ଘ ସାଧନା ଶିବିରର ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ସାଧକମାନଙ୍କୁ ଉଦ୍‌ବୋଧନ ଦେଇ ଗଜପତି ସାଧନା ଦ୍ୱାରା ହିଁ ସମର୍ପଣ ଭାବ ଆସିପାରିବ ବୋଲି କହିଥିଲେ। ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାତ୍ତ୍ୱିକ ଭାବନା ନେଇ ସମାଜରେ ବଞ୍ଚିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜଷ୍ଟିସ ପି.କେ. ତ୍ରିପାଠୀ ଯୋଗଦେଇ ସମାଜ ପାଇଁ ନିଜସ୍ୱ ଉଦ୍ୟମରେ କିଛି କରିବା ଆବଶ୍ୟକ ବୋଲି କହିଥିଲେ। ଶିବାନନ୍ଦ ଶତବାର୍ଷିକ ବାଳକ ଉଚ୍ଚ ବିଦ୍ୟାଳୟର ସମ୍ପାଦକ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ, ଯୁଗ୍ମ ସମ୍ପାଦକ ଜଗନ୍ନାଥନନ୍ଦ ସରସ୍ୱତୀ, ସ୍ୱାମୀ ଧର୍ମପ୍ରକାଶାନନନ୍ଦ ସରସ୍ୱତୀ, ରାଜୀବ ଶେଖର ଓ ପ୍ରାକ୍ତନ ପ୍ରଶାସକ ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ଜୟଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ୨୨୮ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ।

୯୪ ବେଆଇନ କଲ୍ୟାଣ ମଣ୍ଡପକୁ ନୋଟିସ୍

## ତ୍ରୁଟି ନ ସୁଧାରିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷ ମଙ୍ଗଳବାର ଏକ ସ୍ୱତନ୍ତ୍ର ବିଜ୍ଞପ୍ତିରେ ଆଇନଗତ ତ୍ରୁଟି ଥିବା ୯୪ଟି କଲ୍ୟାଣମଣ୍ଡପର ମାଲିକଙ୍କୁ ଚେତବନୀ ସହ ସୁଧାରିବା ପାଇଁ ସମୟସୀମା ଧାର୍ଯ୍ୟ କରିଛନ୍ତି। ବିଏମ୍‌ସି ଦ୍ୱାରା ହୋଇଥିବା କ୍ଷେତ୍ର ପରିଦର୍ଶନ ବିବରଣୀ ଅନୁଯାୟୀ ଉକ୍ତ କଲ୍ୟାଣ ମଣ୍ଡପଗୁଡିକରେ ବିଭିନ୍ନ ଅନିୟମିତତା ଥିବା ଜଣାପଡିଛି। ଆଗକୁ ଏହି ସଂଖ୍ୟା ୯୪ରୁ ଅଧିକ ହୋଇପାରେ ଅନୁମାନ କରାଯାଉଛି। କଲ୍ୟାଣ ମଣ୍ଡପ କରିବାରେ ଏବଂ ଉପଭୋକ୍ତାଙ୍କ ଲାଗି ସୁବିଧାକୁ ନିଶ୍ଚିତ କରାଇବାକୁ କୁହାଯାଇଛି। ଏପରିକି ବିନା ଅନୁମତିରେ ଓ ବିବିଧ ତ୍ରୁଟି ଥାଇ ବେଆଇନ ଭାବେ କେତେକ ମଣ୍ଡପ ଚାଲୁଥିବାର ଦର୍ଶାଯାଇଛି। ତିନୋଟିଯାକ ଜୋନ୍‌ର କ୍ଷେତ୍ର ପରିଦର୍ଶନ ବିବରଣୀ ଉପସ୍ଥାପନା ପରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏହି ସ୍ୱତନ୍ତ୍ର ବିଜ୍ଞପ୍ତିରେ ସମ୍ପୃକ୍ତ ମାଲିକଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ରୁଟି ସୁଧାରିବାକୁ ନୋଟିସ୍ କରିଛନ୍ତି। ଯେଉଁ କଲ୍ୟାଣ ମଣ୍ଡପ/ବିବାହ ମଣ୍ଡପ ଇତ୍ୟାଦି ଏହାର ଅନୁପାଳନ କରିପାରିବେ ନାହିଁ ଆଇନ ଅନୁଯାୟୀ ତା'ଉପରେ ବିଏମ୍‌ସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆସନ୍ତା ଜାନୁୟାରୀ ୩୧ ସୁଦ୍ଧା ସରକାରୀ ନିୟମ ମୁତାବକ ସମସ୍ତ ପ୍ରକାର ଅନୁମୋଦନ ନେଇ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ କମିଶନର ଚୌଧାରୀ କହିଛନ୍ତି। ଜନସାଧାରଣଙ୍କ ଅବଗତି ନିମନ୍ତେ ବିଏମ୍‌ସି ୯୪ଟି ଖିଲାପୀ କଲ୍ୟାଣ ମଣ୍ଡପ ଓ ବିବାହ ମଣ୍ଡପର ତାଲିକା ତା'ର ୱେବ୍‌ସାଇଟ୍ www.bmc.gov.inରେ ଉପଲବ୍ଧ କରିଛି ବୋଲି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି। ଆବଶ୍ୟକତା ଦୃଷ୍ଟିରୁ ଯଦି କୌଣସି ବ୍ୟକ୍ତି କଲ୍ୟାଣ ମଣ୍ଡପ ବୁକ୍ କରୁଥାନ୍ତି ତେବେ ସେ ସମ୍ପୃକ୍ତ କଲ୍ୟାଣ ମଣ୍ଡପର ସରକାରୀ ଅନୁମୋଦନ ବାବଦରେ ଭଲଭାବେ ଅବଗତ ହୁଅନ୍ତୁ। ନଚେତ୍ ଉପଭୋକ୍ତାଙ୍କ କୌଣସି ଅସୁବିଧା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ନୋଟିସ୍‌ରେ ଦର୍ଶାଯାଇଛି ବୋଲି ଡେପୁଟି କମିଶନର ମିଶ୍ର କହିଛନ୍ତି।

## ଜଣେ ସଚେତନ ଅନ୍ତର୍ଦ୍ରଷ୍ଟା ଯଥାର୍ଥ ଦୂରଦ୍ରଷ୍ଟା ହୋଇପାରେ





ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ 'ଉତ୍ସବ-୨୦୧୯' ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ଏହାର ଚେୟାରମ୍ୟାନ୍ ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ସୀମିତ ସମୟକାଳ ମଧ୍ୟରେ ପ୍ରତ୍ୟେକ ମନୁଷ୍ୟ ନିଜ ନିଜର ଅନ୍ତର୍ନିହିତ ମୂଲ୍ୟବୋଧକୁ ଆବିଷ୍କାର କରି, ଏଥିପ୍ରତି ସଚେତନ ହୋଇ ଜୀବନର ଉତ୍କର୍ଷ ସାଧନ କରିବା ଏକାନ୍ତ ଆବଶ୍ୟକ। କାରଣ ଜଣେ ସଚେତନ ଅନ୍ତର୍ଦ୍ରଷ୍ଟା ହିଁ ଯଥାର୍ଥ ଦୂରଦ୍ରଷ୍ଟା ହୋଇପାରେ। ଯେକୌଣସି ଉତ୍ତମ ବିଭାଗରେ ଉତ୍କର୍ଷ ସାଧନ କରାଯାଇପାରେ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ସୀମାବଦ୍ଧତା ନାହିଁ। ଜୀବନର ପ୍ରତ୍ୟେକ ଦିନ, ମାସ, ବର୍ଷ ଉଚ୍ଚ ଅଧ୍ୟୟନ ପୂର୍ବକ ଜ୍ଞାନାର୍ଜନରେ ଉତ୍ତରୋତ୍ତର ଉନ୍ନତି ସାଧନ କରିବା ବିଧେୟ ବୋଲି ପଟ୍ଟନାୟକ କହିଛନ୍ତି। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସୁଲେଖକ ଦାଶ ବେନହୁର ଯୋଗଦେଇ ମନୁଷ୍ୟ ଜୀବନ ସଦାସର୍ବଦା ଆରମ୍ଭରୁ ଅନ୍ତ ପର୍ଯ୍ୟନ୍ତ କିପରି ସମୟ ରୂପି କାରାଗାରର ଅଧୀନସ୍ଥ ଏବଂ ଗତିଶୀଳ ସେ ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ପ୍ରତ୍ୟେକଙ୍କୁ ନିଜ ନିଜ ଭିତରର ଶୀର୍ଷବିନ୍ଦୁ ପ୍ରତି ସଚେତନ ଓ ପରିଚିତ ହେବା ନିହାତି ଜରୁରୀ ବୋଲି ସେ ଦର୍ଶାଇଥିଲେ। ସମ୍ମାନିତ ଅତିଥି ରୂପେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବିଜ୍ଞାନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଭାଇସ୍ ଚେୟାରମ୍ୟାନ୍ ଡ. ପ୍ରଶାନ୍ତ ମିଶ୍ର ମଞ୍ଚରେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଡ. ପଠାଣି ସୁନ୍ଦର ମାନସିଂହ ବିଦ୍ୟାଳୟର ବାର୍ଷିକ ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ଡ. ରୁଦ୍ର ନାରାୟଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### 'ନୂଆବର୍ଷରେ ଗଛ ଉପହାର ଦିଅ'

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ନୂଆବର୍ଷ ଅବସରରେ ସ୍ୱଚ୍ଛତା ଏବଂ ସବୁଜିମାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧିକ ଗୁରୁତ୍ୱ ଦେଇଛି। ମଙ୍ଗଳବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ଭୁବନେଶ୍ୱରର ନାଗରିକମାନେ ନୂଆବର୍ଷରେ କିଛି ନୂଆ ପଦକ୍ଷେପ ସ୍ୱରୂପ ଗଛ, ଚାରା ଦେଇ ସମସ୍ତଙ୍କୁ ଅଭିନନ୍ଦନନ କରିପାରିଲେ ବର୍ଜ୍ୟର ପରିମାଣ କମିବା ସହିତ ସବୁଜିମା ବୃଦ୍ଧି ପାଇବ। ସ୍ମାର୍ଟସିଟି ଭୁବନେଶ୍ୱରର ପରିଛନ୍ନତା ଏବଂ ସବୁଜିମାକୁ ନେଇ ବିଏମ୍‌ସିର ଥିବା ସ୍ୱଚ୍ଛ ଓ ସବୁଜ ଭୁବନେଶ୍ୱର ଲକ୍ଷ୍ୟକୁ ଭୁବନେଶ୍ୱରବାସୀ ଏହାଦ୍ୱାରା ପ୍ରତିପାଦନ କରିପାରିବେ। ଏକ ସ୍ୱତନ୍ତ୍ର ନିବେଦନରେ ପତ୍ର-୩୬୭୭ରେ ସେ କହିଛନ୍ତି, ଦେଶର ଏକ ଅଗ୍ରଣୀ ସ୍ମାର୍ଟସିଟି ଭାବେ ଭୁବନେଶ୍ୱରର ସ୍ୱଚ୍ଛତା ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣକୁ ବିଏମ୍‌ସି ସଦା ସର୍ବଦା ବେଶ୍ ଗୁରୁତ୍ୱ ଦେଇ ଆସିଛି। ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ୮୦ କିମି ଲମ୍ବରାସ୍ତାଗୁଡିକର ଯାନ୍ତ୍ରିକ ସଫେଇ, ଅନ୍ୟାନ୍ୟ ସ୍ଥାନକୁ ପରିଚ୍ଛନ୍ନ ରଖିବା ପାଇଁ ନିୟମିତ ଓଳାଇବା ଏବଂ ବର୍ଜ୍ୟ ଉଠାଇବା, ଆସୁଥିବା ଅଭିଯୋଗର ସମାଧାନ, ବିଜ୍ଞାନସମ୍ମତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ମାଇକ୍ରୋ କମ୍ପୋଷ୍ଟିଙ୍ଗ୍ କେନ୍ଦ୍ରଗୁଡିକର ନିର୍ମାଣ ଆଦି ପଦକ୍ଷେପ ବିଏମ୍‌ସି ଦ୍ୱାରା ଗ୍ରହଣ କରାଯାଇଛି। ନୂଆ ଢଙ୍ଗରେ ଅଭିନନ୍ଦନ ବାର୍ତ୍ତା ଜଣାଇବାକୁ ସେ ଅନୁରୋଧ କରିଛନ୍ତି। ଏହାସହ ବିଏମ୍‌ସି, ବିଡିଏ ଏବଂ ବିଏସ୍‌ସିଏଲ ଏହାର ଅନୁପାଳନ କରିବା ପାଇଁ ମଧ୍ୟ ଜଣାଇଛନ୍ତି।

## ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅଧିକାରୀମାନେ।

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟର ମୁକାବିଲା ପାଇଁ ଗଠିତ ସମୂହର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଜିଲାର ସଙ୍କଟ ପ୍ରବଣ କାରଖାନା ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ଆପାତକାଳୀନ ସମୟରେ ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ କାରଖାନା ଓ ବାଷ୍ପିତ୍ର ବିଭାଗ ଭୁବନେଶ୍ୱର ମଣ୍ଡଳର ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଖୋର୍ଦ୍ଧା ଜିଲାର କାରଖାନା ସମ୍ପର୍କରେ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। କାରଖାନା ଓ ବାଷ୍ପିତ୍ର ବିଭାଗର ଭୁବନେଶ୍ୱର ଜୋନ୍‌ର ସହାୟକ ନିର୍ଦ୍ଦେଶିକା ଇଂ ଅର୍ଚ୍ଚନା ଦାଶ ଜିଲାରେ ଥିବା କାରଖାନାଗୁଡ଼ିକର ସମସ୍ତ ସଙ୍କଟ ପ୍ରବଣ ଦ୍ରବ୍ୟର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ବିପର୍ଯ୍ୟୟ ମୁକାବିଲା ପାଇଁ ପୂର୍ବରୁ ନିଆଯାଇଥିବା ପଦକ୍ଷେପ ଓ ଆଗାମୀ ଦିନରେ ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ପୋଲିସ ଅଧୀକ୍ଷକ, ଅତିରିକ୍ତ ପୋଲିସ ଆୟୁକ୍ତ, ଆପାତକାଳୀନ ଅଧିକାରୀ ଉପସ୍ଥିତ ଥିଲେ।





ହେଲ୍ମେଟ୍ ଓ କମିଶନରେଟ ପୋଲିସ ପକ୍ଷରୁ ମଙ୍ଗଳବାର ଖାରବେଳନଗର ବିଗ୍‌ବଜାର ମଲ୍ ସମ୍ମୁଖରେ ଜଣେ ଗାଡ଼ି ଚାଳକଙ୍କୁ ପ୍ରଚାରପତ୍ର ଦେଇ ଟ୍ରାଫିକ ସଚେତନତା କରୁଛନ୍ତି।

## କେୟାରରେ ଖୋଲିଲା ଦ୍ୱିତୀୟ କ୍ୟାଥ୍ ଲ୍ୟାବ୍

ଭୁବନେଶ୍ୱର,୨୪-୧୨



କେୟାର ହସ୍ପିଟାଲ ପକ୍ଷରୁ ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅବସରରେ ନୂଆ କ୍ୟାଥ୍ ଲ୍ୟାବ୍ ଆରମ୍ଭ କରାଯାଇଛି। ରୋଗୀ ସେବାକୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। ଏମ୍‌ଏଲ୍‌ଏ ସୁଶାନ୍ତ କୁମାର ରାଉତ ଏବଂ ହସ୍ପିଟାଲର ସିଓଓ ଗୁରିତ କୌର ସେଟ୍ଟି ଏହାକୁ ଶୁଭାରମ୍ଭ କରିଥିଲେ। ଏଠାରେ ଲୋକମାନେ ଜରୁରୀକାଳୀନ ଇଣ୍ଟରଭେନସନାଲ କାର୍ଡିଓଲୋଜି ପ୍ରୋସେଜର ଯଥା- ଲିଡଲେସ ମିକ୍ରା, ପେସ୍‌ମେକର, ଆଞ୍ଜିଓଗ୍ରାମ, ଆଞ୍ଜିଓପ୍ଲାଷ୍ଟି, ଚେକ୍ ଆଞ୍ଜିଓଗ୍ରାମ, ଇପି ଆଣ୍ଡ ଆର୍‌ଏଫ୍‌ଏ, ରୋଟାବ୍ଲେଶନ ଏବଂ ପିଟିସିଏ ସାମିଲ ରହିଛି। ରୋଗୀଙ୍କୁ ନିରନ୍ତର ସେବାଯୋଗାଣ ଲାଗି ଜାତୀୟ ସ୍ତରର ପ୍ରତିଷ୍ଠିତ କାର୍ଡିଓଲୋଜିଷ୍ଟଙ୍କ ଟିମ୍ ରହିଛନ୍ତି। ଏହି ଅବସରରେ କାର୍ଡିଆକ ସାଇନ୍ସ ବିଭାଗର ନିର୍ଦ୍ଦେଶକ ଡ.ମହିନ୍ଦ୍ର ତ୍ରିପାଠୀ, କ୍ଲିନିକାଲ ଡାଇରେକ୍ଟର ଗିରିଧାରୀ ଜେନା, ସିନିୟର କାର୍ଡିଓଲୋଜିଷ୍ଟଙ୍କ ଟିମ୍, ମେଡିକାଲ ସୁପରିଟେଣ୍ଡେଣ୍ଟ ଡ.ସ୍ମିତା ପାଢି ପ୍ରମୁଖ ଉପସ୍ଥିତ ଥିଲେ।

ଏକାମ୍ର କ୍ଷେତ୍ରରେ ଉଚ୍ଛେଦ କାର୍ଯ୍ୟ

## ସରକାରୀ ପରେ ବେସରକାରୀ ଜମି ମାପଚୁପ ଆରମ୍ଭ

ପୁରୁଣା ଭୁବନେଶ୍ୱର ,୨୪।୧୨ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ସରକାରୀ ଓ ଦେବୋତ୍ତର ଜମିରୁ ଉଚ୍ଛେଦ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ପ୍ରାୟ ଦୁଇଦିନ ହେବ କୌଣସି ବଡଧରଣର ଉଚ୍ଛେଦ ମିଳିତ ଟିମ୍ କରି ନ ଥିବାବେଳେ ବିଏମ୍‌ସି ଗାଡ଼ି ଲଗାଇ ଭଙ୍ଗା ଯାଇଥିବା ସ୍ଥଳ ପରିଷ୍କାର କରୁଛି। ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଅମୀନ, ଆରଆଇମାନଙ୍କ ସହଯୋଗରେ ମଙ୍ଗଳବାର ବଡେଇବାଙ୍କ ଅଞ୍ଚଳ ସମେତ କେତେକ ଘରୋଇ ଜମି ଓ ବାସଗୃହ ମାପଚୁପ ଆରମ୍ଭ କରିଛନ୍ତି। କେଉଁ ଅଞ୍ଚଳ ପର୍ଯ୍ୟନ୍ତ ଉଚ୍ଛେଦ କରାଯିବ ଏ ନେଇ ଠିକ୍ ଭାବେ ଏହି କର୍ମଚାରୀମାନେ ଜାଣି ପାରୁ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବାସନ୍ଦାଙ୍କ ମତରେ ସମ୍ପୂର୍ଣ୍ଣ ଏକାମ୍ର ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଅନେକ ମନ୍ଦିର ଓ କୀର୍ତ୍ତିରାଜି ରହିଛି। ଏଣୁ କେଉଁ ମନ୍ଦିର ଓ ଐତିହ୍ୟସ୍ଥଳ ପର୍ଯ୍ୟନ୍ତ ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ଓ ବିକାଶ କାର୍ଯ୍ୟ କରାଯିବ ସ୍ପଷ୍ଟ ଭାବେ ପ୍ରଶାସନ ପକ୍ଷରୁ ଜଣାଯାଉନାହିଁ। ଏହାଦ୍ୱାରା ସ୍ଥାନୀୟ ସାହିବାସିନ୍ଦା ଏକ ରକମ ଆଶଙ୍କାରେ ରହୁଛୁ। ପୁରୀ ଭଳି ନିର୍ଦ୍ଦିଷ୍ଟ ଭାବେ ସର୍ଭେ କରାଯାଇ କେଉଁଭଳି ଥଇଥାନ ପ୍ରକ୍ରିୟା କରାଯିବ ଏ ନେଇ ସମସ୍ତ ନିଯୋଗ, ସାହି ମୁରବୀ ଓ ବୁଦ୍ଧିଜୀବୀଙ୍କୁ ଅବଗତ କରାଇ ଏହି ମାପଚୁପ କାର୍ଯ୍ୟ କରାଯିବାକୁ ଦାବି ହେଉଛି।

#### ଶ୍ରୀଲିଙ୍ଗରାଜ ମନ୍ଦିର ଥାନା ଆବାସିକ ଗୃହଭଙ୍ଗା କାର୍ଯ୍ୟ ଶେଷ:

ମଙ୍ଗଳବାର ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଶ୍ରୀଲିଙ୍ଗରାଜ ଥାନାର ବଳକା ଭଗ୍ନ କୋଠା ସମ୍ପୂର୍ଣ୍ଣ ଭାବେ ଭଙ୍ଗାଯିବା ସହ କର୍ମଚାରୀଙ୍କ ଆବାସିକ ସରକାରୀ ଗୃହଗୁଡ଼ିକୁ ଡ୍ରୋଜର ଲଗାଇ ଭଙ୍ଗାଯାଇଛି। ଥାନାର ଆସବାବପତ୍ର ଓ ଆବଶ୍ୟକୀୟ ଜିନିଷପତ୍ର ନୂତନ ସ୍ଥାନକୁ ସ୍ଥାନାନ୍ତର କାର୍ଯ୍ୟ ସରିଥିବା ଯୋଗୁ ମିଳିତ ଉଚ୍ଛେଦ ଟିମ୍ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନା ପରିସର ସଫା କରାଯାଇ ସମତୁଲ କାର୍ଯ୍ୟ ଆରମ୍ଭ ହୋଇଛି। ପୁରୁଣା ମାର୍କେଟ, ବ୍ୟାଖ୍ୟାୟନ କେନ୍ଦ୍ର ସମ୍ମୁଖ ପରି ଏଠାରେ ମଧ ଟାଇଲ ବିଛାଯାଇ ସର୍ବସାଧାରଣ ତଥା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରାଯିବ।

## ସଂକ୍ଷେପରେ

### ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘର ସମ୍ମିଳନୀ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ):** ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ୧୦ମ ସମ୍ବିଧାନ ସମ୍ମିଳନୀ ନୂଆପଲ୍ଲୀସ୍ଥିତ ସଏଦ ମମତାଜ ଅଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ସଂଘର ସଭାପତି ପ୍ରମୋଦ କୁମାର ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶିକ୍ଷକମାନଙ୍କର ପଦୋନ୍ନତି, ଅଣ ଶୈକ୍ଷିକ କାର୍ଯ୍ୟକ୍ରମରୁ ନିବୃତ୍ତ ରହିବା, ଶିକ୍ଷକମାନଙ୍କର ଚାକିରି ପରିଚାଳନା ଦାୟିତ୍ୱ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ରଖିବା ସହ ବହୁ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିସହିତ ଆସନ୍ତା ଦୁଇ ବର୍ଷ ଲାଗି ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବିଶିକେଶନ ଦାଶଙ୍କୁ ନିର୍ବାଚିତ କରାଯାଇଥିବା ବେଳେ ଗିରୀଶ କୁମାର ମିଶ୍ର ଓ ପ୍ରବୀର କୁମାର ବେହେରାଙ୍କୁ ଉପସଭାପତି, କୈଳାସ ଚନ୍ଦ୍ର ସିଂ ସାଧାରଣ ସମ୍ପାଦକ ଏବଂ ବିଜୟ ରଥଙ୍କୁ କୋଷାଧକ୍ଷ ଭାବେ ଦୁଇ ବର୍ଷ ପାଇଁ ନିର୍ବାଚିତ କରାଯାଇଛି। ସଂଗଠନର ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ଦାସ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ନିର୍ବାଚନର ପର୍ଯ୍ୟବେକ୍ଷକ ଭାବେ ସଂଗଠନର ପୂର୍ବତନ ସଭାପତି ସ୍ୱପ୍ନେଶ୍ୱର ସାହୁ, ଅଗ୍ନୀତେଜର ମହାସଚିବ ରମାକାନ୍ତ ମହାପାତ୍ର, ଯୁଗ୍ମ ସଚିବ ନୃସିଂହ ଚରଣ ସାହୁ ନିର୍ବାଚନ ପରିଚାଳନା କରିଥିଲେ।

> ଆଜି କ'ଣ କେଉଁଠି ପ୍ରସ୍ତରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ହୋଟେଲରେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ଭିନ୍ନମୋଡ଼

# ଅଭିଯୋଗ ଆଣିଥିବା ବାଂଲାଦେଶୀ ଯୁବତୀ ଗିରଫ

**କଟକ ରୋଡ,୨୪।୧୨(ଡି.ଏନ୍.ଏ.)**

- ଜାଲ୍ ପରିଚୟପତ୍ର ଦେଇ ରହୁଥିଲେ
- ପୁରୀରୁ ତିଆରି ହୋଇଥିଲା ନକଲି ଆଧାର କାର୍ଡ

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡର ଏକ ହୋଟେଲରେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଏବଂ ମାଡ଼ ଘଟଣାରେ ଭିନ୍ନ ମୋଡ଼ ନେଇଛି। ଥାନାରେ ଅଭିଯୋଗ ଆଣିଥିବା ବାଂଲାଦେଶୀ ଯୁବତୀଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଯୁବତୀଙ୍କ ଘର ବାଂଲାଦେଶ ହୋଇଥିବା ବେଳେ ସେ ନକଲି ଆଧାର କାର୍ଡ ଦେଇ ଏହି ହୋଟେଲ୍‌ରେ ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

ପୋଲିସ ସୂଚନା ଅନୁଯାୟୀ, ଯୁବତୀଙ୍କ ଘର ବାଂଲାଦେଶ ହୋଇଥିବା ବେଳେ ଗତ ୧୬ ତାରିଖରେ ସେ ନିଜକୁ ପଶ୍ଚିମବଙ୍ଗ ଅଞ୍ଚଳର ଦର୍ଶାଇବା ସହ ନକଲି ଆଧାର କାର୍ଡ ଦେଇ ଗତ ୧୬ତାରିଖରେ କଟକ ରୋଡସ୍ଥିତ ଏକ ହୋଟେଲ୍‌ରେ ରହିଥିଲେ। ଉକ୍ତ ରାତିରେ ହୋଟେଲ୍‌ର ପରିଚାଳକ ଓ କର୍ମଚାରୀ ତାଙ୍କୁ ବଳାତ୍କାର ଉଦ୍ୟମ କରି ବିଫଳ ହେବା ପରେ ମାଡ଼ ମାରିଥିଲେ ବୋଲି ୧୭ତାରିଖରେ ଯୁବତୀ ଜଣକ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ଦେଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୭୭/୧୯)ରୁଜୁକରି ୨ କର୍ମଚାରୀଙ୍କୁ ଗିରଫ କରିଥିଲା। ପରେ ଯୁବତୀଙ୍କୁ ଏକ ସ୍ୱଧାର ଗୃହକୁ ପଠାଇ ଦେଇଥିଲା। ଅନ୍ୟପକ୍ଷେ ପୋଲିସ ପକ୍ଷରୁ ଯୁବତୀଙ୍କ ଠିକଣା ଯାଞ୍ଚ କରାଯାଇଥିଲା। ଆଧାର କାର୍ଡ ଠିକଣାକୁ ଯାଞ୍ଚ କରିବାରେ ପଶ୍ଚିମବଙ୍ଗ ପୋଲିସର ସହଯୋଗ ନିଆଯାଇଥିଲା। ମାତ୍ର ଠିକଣା ମିଥ୍ୟା ଥିବା ପଶ୍ଚିମବଙ୍ଗ ପୋଲିସ ଜଣାଇଥିଲା। ଫଳରେ ଯୁବତୀଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ପରେ ଯୁବତୀଙ୍କୁ ପରିଚୟ ଏବଂ ଠିକଣା ବିଷୟରେ ପୋଲିସ ବାରମ୍ବାର ପ୍ରଶ୍ନ କରିବାରୁ ତାଙ୍କ ଘର ବାଂଲାଦେଶ ବୋଲି କହିଥିବା ଥାନା ଅଧିକାରୀ ଦୟାନିଧି ନାୟକ ସୂଚନା ଦେଇଛନ୍ତି। ତେବେ ଯୁବତୀଙ୍କୁ ଆଧାର କାର୍ଡ ଯୋଗାଇବା ସହ ବାଂଲାଦେଶରୁ ତାଙ୍କୁ ଏଠାକୁ ଆଣିବାରେ ପୁରୀ ଜିଲାର ୨ଜଣ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ଥାନା ଅଧିକାରୀ ନାୟକ କହିଛନ୍ତି। ତଦନ୍ତକାରୀ ଅଧିକାରୀ ବିଶ୍ୱମ୍ଭର ପ୍ରଧାନଙ୍କ ଅଭିଯୋଗକ୍ରମେ ଦଫା ୪୬୮, ୪୭୧, ୪୧୯ ସେକ୍ସନ ୧୪ ଫରେନର୍ ଆକ୍ଟରେ ଏକ (ନଂ.୩୮୩/୧୯ରେ) ମାମଲା ରୁଜୁ ହୋଇଛି।


ସାଂସ୍କୃତିକୀ ପକ୍ଷରୁ ଭୁବନେଶ୍ୱର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଚାଲିଥିବା ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବର ମଙ୍ଗଳବାର ସନ୍ଧ୍ୟାରେ ନୂଆଦିଲ୍ଲୀର ସୌମ୍ୟାଶ୍ରୀ ମିଶ୍ର ନୃତ୍ୟ ପରିବେଷଣ କରୁଛନ୍ତି।

## ବଢୁଛି ପୋଲିସର ଅତ୍ୟାଚାର

# ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ଆଦିବାସୀ ପରିବାର

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ଗଞ୍ଜାମ ଜିଲା ସଲପଡଇଲା ଗ୍ରାମରେ ରହୁଥିବା କେତେକ ଆଦିବାସୀ ପରିବାର ଉପରେ ପୋଲିସର ନିର୍ଯାତନା ବଢିବାରେ ଲାଗିଛି। ତାରସିଂ ଥାନା ପୋଲିସ ମିଥ୍ୟା ମାମଲାରେ ଲୋକଙ୍କୁ ମନଇଚ୍ଛା ଉଠାଇ ନେଇ ନିର୍ଯାତନା ଦେଉଛି। ମଦ ବିକ୍ରି କରିବା ଅଭିଯୋଗରେ ଆଦିବାସୀଙ୍କ ଘରେ ପଶି ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରୁଛି। ଏଭଳି ଅକଥନୀୟ ନିର୍ଯାତନାର ଶିକାର ହୋଇ ୪ ଆଦିବାସୀ ପରିବାରର ୮ ଜଣ ସଦସ୍ୟ ମଙ୍ଗଳବାର ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୧୮ରେ ସଲପଡଇଲା ଗ୍ରାମର ଗଣେଶ ମଲ୍ଲିକ ଓ ଜିତୁ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ପ୍ରଥମେ ନିଖୋଜ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଖୋଜାଖୋଜି ପାଇଁ ତତ୍ପରତା ପ୍ରକାଶ କରି ନ ଥିଲା। ମୃତଦେହ ମିଳିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଜିତୁ ହତ୍ୟା ମାମଲାରେ ସମ୍ପୃକ୍ତ କଟକ ଜିଲା ବଡମ୍ବା ଅଞ୍ଚଳର ବିଭୂତି ଭୂଷଣ ରଥଙ୍କୁ ପୋଲିସ ଗିରଫ ନ କରି ତାଙ୍କ ଘର ପୋଡି ଘଟଣାରେ ପୋଲିସ ଆଦିବାସୀ ଲୋକଙ୍କ ନାଁରେ ମିଛ ମାମଲା କରି ନାନା ନିର୍ଯାତନା ଦେଉଥିଲେ। ଏନେଇ ସେମାନେ ଜିଲା ଏସ୍‌ପି, ଡିଆଇଜି ଏବଂ ପୋଲିସ ଡିଜିଙ୍କୁ ଭେଟିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ଏନେଇ ଗଞ୍ଜାମ ଏସ୍‌ଡିଓପିଓ ଶୁଭ୍ରାଂଶୁ ମିଶ୍ରଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ।

# ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବଦଳାଇଛି ରକ୍ତଭଣ୍ଡାରର ପରିଭାଷା

**ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)**

ବିଗତ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେବ ରକ୍ତ ଭଣ୍ଡାରର ପରିଭାଷା ବଦଳିବା ସହ ଏହି କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିପାରିଛି। ରକ୍ତ ସମ୍ପର୍କିତ ରୋଗର ଚିକିତ୍ସା ପାଇଁ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ଏହାର ସ୍ଥାନ ନେଇସାରିଛି ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ୍ ସମ୍ ହସ୍ପିଟାଲ୍ ପକ୍ଷରୁ ଆୟୋଜିତ କର୍ମଶାଳାରେ ବିଶେଷଜ୍ଞମାନେ ମତ ଦେଇଛନ୍ତି। 'ଏକ୍ସପାଣ୍ଡିଂ ଫ୍ରଣ୍ଟିୟର୍ସ ଅଫ୍ ଇମ୍ୟୁନୋ ହେମାଟୋଲୋଜି' ଶୀର୍ଷକ ଏହି କର୍ମଶାଳାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଅନ୍ତର୍ଗତ ମେଡିକାଲ୍ ଏଜୁକେଶନ୍ ଆଣ୍ଡ ଟ୍ରେନିଂର ନିର୍ଦ୍ଦେଶକ ପ୍ରଫେସର ସି.ବି.କେ. ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ବର୍ତ୍ତମାନ ଇମ୍ୟୁନୋ ହେମାଟୋଲୋଜି ଏବଂ ଟ୍ରାନ୍ସଫ୍ୟୁଜନ୍ ସର୍ଭିସେସ୍ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଥିବାବେଳେ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ଏବଂ ବ୍ଲଡ୍ କମ୍ପୋନେଣ୍ଟ କ୍ଷେତ୍ରରେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ବୈଜ୍ଞାନିକ ପଦ୍ଧତି ପରିବ୍ୟାପ୍ତ ହୋଇଥିବାବେଳେ ଏହାର ରକ୍ଷଣାବେକ୍ଷଣ ଏବଂ ଅବଲୋକନ ଗୁରୁତ୍ୱପୂର୍ଣ୍ଣ। ଟ୍ରାନ୍ସଫ୍ୟୁଜନର ମେଡିସିନ୍‌କୁ ଟ୍ରାନ୍ସଫୁଜିଓଲୋଜି କୁହାଯାଉଥିବା ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ଆମେରିକାରେ ୧୯୮୭ରେ ଆରମ୍ଭ ହୋଇଥିଲା। ଚିକିତ୍ସାର ଏହି ଶାଖା ରୋଗୀସେବା କ୍ଷେତ୍ରରେ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ପ୍ରଫେସର ମହାନ୍ତି କହିଛନ୍ତି। ଏହି କର୍ମଶାଳାରେ ଷ୍ଟେଟ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ କାଉନ୍‌ସିଲ୍ ନିର୍ଦ୍ଦେଶିକା ଡା. ବିମଳା ପ୍ରଭା ସାହୁ, ଆଇଏମ୍‌ଏସ୍ ଆଣ୍ଡ୍ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଗଙ୍ଗାଧର ସାହୁ, ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର, ପ୍ରଫେସର ବିଭୁଦେନ୍ଦୁ ପତି ଏବଂ ଡ. ଗିରିଜା ନନ୍ଦିନୀ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।






# ଏନ୍‌ଇଏସ୍‌ଆଇଓଏଏର କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ନବଗଠିତ ନ୍ୟାଶନାଲ ଇଏସଆଇ ଓବ୍‌ଲିଗେଟର୍ସ ଆଡଡାଇଜରୀ ଆସୋସିଏଶନ (ଏନଇଏସଆଇଓଏଏ)ର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠାନର ଅଧକ୍ଷ ଜବାହର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ରାଜ୍ୟ କର୍ମଚାରୀ ବୀମା ଅଧୀନରେ ଥିବା ସମସ୍ତ ଅବହେଳିତ ହିତାଧିକାରୀଙ୍କୁ ଇଏସଆଇ ପରିସରଭୁକ୍ତ କରିବା ପାଇଁ ଏନଇଏସଆଇଓଏଏ ଗଠନ କରାଯାଇଛି। ସ୍ୱାଧୀନ ଚିନ୍ତାଧାରାକୁ ନେଇ ଇଏସଆଇ ହିତାଧିକାରୀଙ୍କୁ ସଂଗଠିତ କରି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଉକ୍ତ ସଂଗଠନର ମୂଳ ଲକ୍ଷ୍ୟ ବୋଲି ଉପସ୍ଥିତ ବକ୍ତାମାନେ ମତ ଦେଇଛନ୍ତି। ଅନୁଷ୍ଠାନର ଉପଦେଷ୍ଟା ଅରୁଣ ଜେନା ମାନବ ସେବାକୁ ମାଧବ ସେବା ଧର୍ମରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଭାପତି ପୂର୍ଣ୍ଣ ଚନ୍ଦ୍ର ପାତ୍ର,ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ବେହୁରା, ଆର୍ତ୍ତତ୍ରାଣ ଦାସଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଆଗାମୀ ଦିନରେ ଅନେକ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ନିଆଯାଇଛି।

# ଅଭିନେତ୍ରୀଙ୍କ ପ୍ରେମ ଠକେଇ, ମୁମ୍ବାଇରୁ ଭୁବନେଶ୍ୱର

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

- ମାଟ୍ରିମୋନି ସାଇଟ୍‌ରୁ ହୋଇଥିଲା ହାଇପ୍ରୋଫାଇଲ ପ୍ରେମ
- ୨ଲକ୍ଷ ଟଙ୍କା, ସୁନା, ଲାପ୍‌ଟପ୍ ଦେଇଥିଲେ ପ୍ରେମିକ
- ପୋଲିସ କମିଶନର, ଡିସିପିଙ୍କୁ ନିକଟରେ ଅଭିଯୋଗ

ମାଟ୍ରିମୋନି ସାଇଟ୍‌ରେ ଉଭୟଙ୍କର ହୋଇଥିଲା ପରିଚୟ। ତା'ପରେ ପ୍ରେମ ଆଉ ପ୍ରତାରଣା। ପ୍ରେମ ଓ ବିବାହ ବାହାନାରେ ପ୍ରେମିକଙ୍କଠାରୁ ଟଙ୍କା ଓ ସାମଗ୍ରୀ ହାତେଇନେବା ପରେ ପ୍ରତାରଣା କରିଛନ୍ତି ଜଣେ ଓଡ଼ିଆ ଅଭିନେତ୍ରୀ। ମୁମ୍ବାଇରୁ ଭୁବନେଶ୍ୱର ଯାଏ ଲମ୍ବିଥିବା ଏହି ହାଇପ୍ରୋଫାଇଲ୍ ଠକେଇ ପଦାକୁ ଆସିବା ପରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରେମ, ପ୍ରତାରଣା ଓ ଠକେଇର ଶିକାର ହୋଇଛନ୍ତି ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ପଦ୍ମାରାଜୁ ଶିବ କୁମାର। ସେ ଅଭିନେତ୍ରୀଙ୍କ ପ୍ରେମରେ ପାଗଳ ହୋଇ ସେ ଏକାଧିକଥର ମୁମ୍ବାଇରୁ ଓଡ଼ିଶା ଆସିଥିଲେ। ପ୍ରତାରଣା ଓ ଠକେଇର ଶିକାର ହୋଇଥିବା ଜାଣିବା ପରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଓ ଡିସିପି ଅନୁପ ସାହୁଙ୍କୁ ମେଲ୍ ଯୋଗେ ଅଭିଯୋଗ କରିଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ବିଶାଖାପାଟଣାର ଶିବ କୁମାର ମୁମ୍ବାଇରେ ଚାକିରି କରନ୍ତି। ସେ ବିବାହ କରିବା ଲାଗି ୨୦୧୮ ଅଗଷ୍ଟରେ ମାଟ୍ରିମୋନିଆଲ ସାଇଟରେ ଏକ ଆକାଉଣ୍ଟ ଖୋଲିଥିଲେ। ଉକ୍ତ ସାଇଟରେ ରାଜୁଙ୍କ ପ୍ରୋଫାଇଲ ଦେଖି ଓଲିଉଡ୍‌ର ଜଣେ ଅଭିନେତ୍ରୀ ତାଙ୍କ ସହ ଯୋଗାଯୋଗ କରିଥିଲେ। ଉଭୟେ କିଛି ଦିନ ଫୋନ୍‌ରେ ବାର୍ତ୍ତାଳାପ କରିଥିଲେ। ଶିବଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ସଂପୃକ୍ତ ଅଭିନେତ୍ରୀ ଜଣକ ୨ଲକ୍ଷ ଟଙ୍କା ନେଇଥିଲେ। ଏହାର କିଛିଦିନ ପରେ ଦେଢ ଲକ୍ଷ ଟଙ୍କାର ସୁନା ଚେନ୍ ଓ ଏକ ଲାପଟପ ମଧ୍ୟ ନେଇଥିଲେ। ଶିବକୁମାର ତାଙ୍କୁ ବିବାହ ପାଇଁ କହିବାରୁ ସେ ମନା କରି ଦେଇଥିଲେ। ଏପରି କି ତାଙ୍କୁ ଫୋନ୍ କଲେ ବଳାତ୍କାର ମାମଲାରେ ଫସାଇ ଦେବେ ବୋଲି ଧମକ ଦେଇଥିଲେ। ବାଧହୋଇ ଶିବକୁବାର ମୁମ୍ବାଇରୁ ଦୁଇଥର ଭୁବନେଶ୍ୱର ଆସିଥିଲେ। ପ୍ରକୃତ ଘଟଣା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ତାହାକୁ ଗ୍ରହଣ କରି ନ ଥିଲା। ଶେଷରେ ଏନେଇ ସେ ପୋଲିସ କମିଶନରଙ୍କୁ ଜଣାଇଛନ୍ତି।











1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବିଦ୍ୟୁତ ଆଘାତରେ ମହିଳା ମୃତ

**ଆଠଗଡ,୨୪।୧୨(ସ୍ୱ.ପ୍ର.):** ବାଙ୍କୀ ଥାନା ବାଉଁଶପୁଟ ଗ୍ରାମ ସନ୍ନିକଟ ଖଜୁରୀପଡାର ଜଣେ ମହିଳାଙ୍କ ବିଦ୍ୟୁତ୍ ଆଘାତରେ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଆର୍ତ୍ତ ରାଉତଙ୍କ ସ୍ତ୍ରୀ ସଞ୍ଜୁଲତା ରାଉତ (୪୨)। ସେ ମଧ୍ୟାହ୍ନ ସମୟରେ ଘର ମଧ୍ୟରେ ଲାଇଟ ସୁଇଚ ଟିପୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆଣି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବିନ୍ଧାଣିମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଓ ପରେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଚିକିତ୍ସାଳୟ ପକ୍ଷରୁ ଆଠଗଡ ଥାନାରେ ଖବର ଦିଆଯିବା ପରେ ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା (ନଂ.୪୮/୧୯) ରୁଜୁ କରିଛି।

### ଫୁଟବଲ ଟୁର୍ନାମେଣ୍ଟ: ସେମିରେ ପାଞ୍ଚଗାଁ

**ଡିଗିରିଆ,୨୪।୧୨(ଡି.ଏନ.ଏ):** ଡିଗିରିଆ ବ୍ଲକ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡ଼ିୟମରେ ଚାଲିଥିବା ୨ୟ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମଏସ୍ କ୍ଲବ୍ ବାଣୀବିହାର (ଭୁବନେଶ୍ୱର)କୁ ୨-୧ ଗୋଲରେ ପରାସ୍ତ କରି ପାଞ୍ଚଗାଁ ଆଥଲେଟିକ ଆସୋସିଏଶନ୍ ୪ର୍ଥ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଏମଏସ୍ କ୍ଲବ୍‌ର ୭୦ ନମ୍ବର ଖେଳାଳୀ ଚକ୍ରଧର ମାରାଣ୍ଡି ଗୋଲସ୍କୋର କରିଥିଲେ। ପରେ ପାଞ୍ଚଗାଁର ୧୭ ନମ୍ବର ଖେଳାଳି ଚିନୁ ବେହେରା ଗୋଟିଏ ଗୋଲ ସ୍କୋର କରି ଖେଳକୁ ସମାନସ୍ଥିତକୁ ଆଣିଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ପାଞ୍ଚଗାଁର ୧୯ ନମ୍ବର ଖେଳାଳି ସର୍ବଜିତ ନାୟକ ଅନ୍ୟ ଏକ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ଏଥିରେ ମୁଖ୍ୟଅତିଥିଭାବେ ରାଜସ୍ୱ ନିରୀକ୍ଷକ ଗୁରୁଚରଣ ପ୍ରଧାନ ଓ ସମ୍ମାନିତ ଅତିଥି ହିନ୍ଦ ମଜଦୁର ସଭା ଡିଗିରିଆ ଶାଖାର ସଭାପତି ସଞ୍ଜୟ କୁମାର ସାମଲ, ସମ୍ପାଦକ ସନ୍ତୋଷ କୁମାର ସାମଲ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୬୩୩ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକୃତ

**ଆଠଗଡ,୨୪।୧୨(ସ୍ୱ.ପ୍ର.):** ଆଠଗଡ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଜାମ୍ବର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରର ମୁଖ୍ୟଅତିଥି ଭାବେ ଉପଜିଲାପାଳ ଅମୀୟ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରଞ୍ଜନ କୁମାର ଆଚାର୍ଯ୍ୟ, ତପନ କୁମାର ଖୁଣ୍ଟିଆ, ରବୀନ୍ଦ୍ରନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ସର୍ବମୋଟ ୬୩୩ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ନାମ ପଞ୍ଜିକରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ ୩୦୦, ମାନସିକ ଅନଗ୍ରସର ୧୧୬, ଶ୍ରବଣବାଧିତ ୧୧୫, ଦୃଷ୍ଟିଶକ୍ତି ବାଧିତରେ ୧୦୨ଜଣ ଥିଲେ। ଡାକ୍ତର ଦିଲୀପ କୁମାର ଚାନ୍ଦ, ଅଜିତ୍ ଦାଶ, ପଲ୍ଲବୀ ସାହୁ, ନିହାର ରଞ୍ଜନ ବିଶ୍ୱାଳ, ଦେବବ୍ରତ ପୃଷ୍ଟି ଓ ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିଲେ।

## ■ ତପ୍ତପାଣି ଘାଟିରେ ପିକ୍‌ନିକ୍ ବସ୍ ଓଲଟିବା ଘଟଣା

# ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ହେବନି ପିକ୍‌ନିକ୍

■ଦୁର୍ଘଟଣାର ତଦନ୍ତ କରିବ ୭ଜଣିଆ କମିଟି
■ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ, ୨୪।୧୨

ଗଞ୍ଜାମ-ଗଜପତି ଜିଲା ସୀମାନ୍ତ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଘାଟିରେ ସୋମବାର ରାତିରେ ପିକ୍‌ନିକ୍ ବସ୍ ଓଲଟି ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଏମ୍‌ସିଏ ବିଭାଗର ୩୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଏହି ଦୁର୍ଘଟଣା ପରେ ବିଶ୍ୱବିଦ୍ୟାଳୟ କୁଳପତି ଈଶାନ କୁମାର ପାତ୍ରଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ଦୁର୍ଘଟଣାର ତଦନ୍ତ ନିମନ୍ତେ ୭ ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। ଏହି କମିଟି ମୁଖ୍ୟତଃ ୬ଟି ଦିଗ ଉପରେ ତଦନ୍ତ କରିବ।

ଏହି ଦୁର୍ଘଟଣା ପରେ ଆଗକୁ ଆଉ ପିକ୍‌ନିକ୍ ହେବନି ବୋଲି ସମସ୍ତ ବିଭାଗର ମୁଖ୍ୟଙ୍କୁ କୁଳପତି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ନ ମାନିଲେ ଉକ୍ତ ବିଭାଗର କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ବିଭାଗ ପକ୍ଷରୁ ଯଦି ଷ୍ଟଡି ଟୁର୍ ଆୟୋଜନ କରାଯାଉଥାଏ ତେବେ ମାସେ ପୂର୍ବରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ଆବଶ୍ୟକ ବୋଲି କୁଳପତି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସ୍ଥାନୀୟ ପୋଲିସର ଅନୁମତି ନେବା ମଧ୍ୟ ବାଧ୍ୟତାମୂଳକ ବୋଲି କୁଳପତି ସୂଚନା ଦେଇଛନ୍ତି। ଉକ୍ତ ଦୁର୍ଘଟଣା ପରେ ବୈଠକରେ ବିଭିନ୍ନ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ସମ୍ପର୍କିତ ଏକ ନୋଟିସ୍ ଛାତ୍ରୀଛାତ୍ରଙ୍କ ଅବଗତ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି।

ଛାତ୍ରୀଛାତ୍ର ପିକ୍‌ନିକ୍ ବିଷୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ କି ନାହିଁ, ବସ୍‌କୁ କିଏ ରିଜର୍ଭ କରିଥିଲେ, ବସ୍ କେଉଁଠାରୁ ଯାତ୍ରା ଆରମ୍ଭ କରିଥିଲା, ବସ୍‌ର ଫିଟ୍‌ନେସ ସମ୍ବନ୍ଧୀୟ କାଗଜପତ୍ର ଠିକ୍ ଥିଲା କି ନାହିଁ, ପିକ୍‌ନିକ୍ ଯାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକ ଏ ସଂକ୍ରାନ୍ତରେ ଅବଗତ ଥିଲେ କି ନାହିଁ ଓ ପିକ୍‌ନିକ୍ କାହା ତତ୍ତ୍ୱାବଧାନରେ ହୋଇଥିଲା ଏହା ଉପରେ କମିଟି ତଦନ୍ତ କରିବ। ଅନ୍ୟପକ୍ଷରେ ଏହି ପିକ୍‌ନିକ୍‌ର ମୁଖ୍ୟ କାର୍ପଟଦାରଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକ ପରେ କୁଳପତି ସୂଚନା ଦେଇଛନ୍ତି। ପିକ୍‌ନିକ୍ ବସ୍ ବିଶ୍ୱବିଦ୍ୟାଳୟ ପରିସରରୁ ଯାଇଥିବାବେଳେ ସେହି ସମୟରେ ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟ୍ ଗାର୍ଡ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କାହିଁକି ଜଣାଇଲେ ନାହିଁ। ଏଥିପାଇଁ ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁଳପତି ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। କେତେଜଣ ହଷ୍ଟେଲ କର୍ମଚାରୀ ମଧ୍ୟ ପିକ୍‌ନିକ୍‌ରେ ଛାତ୍ରୀଛାତ୍ରଙ୍କ ସହ ଯାଇଥିଲେ। ଯେଉଁ ହଷ୍ଟେଲ କର୍ମଚାରୀ ଉକ୍ତ ପିକ୍‌ନିକ୍ ଯାଇଥିଲେ ସେମାନଙ୍କ ବିରୋଧରେ ମଧ୍ୟ ଆବଶ୍ୟକ କାର୍ଯ୍ୟାଷ୍ଠାନ ନେବାକୁ କୁଳପତି କହିଛନ୍ତି।

## ଶିଳ୍ପ ନିର୍ମାଣ ପାଇଁ ଭୂମିପୂଜାକୁ ବିରୋଧ

# ଭୂମିହୀନଙ୍କ ଆନ୍ଦୋଳନ



ଥାନା ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ନରାଜ,୨୪।୧୧(ଡି.ଏନ୍.ଏ.)

ବାରଙ୍ଗ ତହସିଲ ଅଧୀନ ରାମଦାସପୁର ମୌଜାରେ ଶିଳ୍ପ ନିର୍ମାଣ ପାଇଁ ଭୂମି ପୂଜା ଚାଲିଥିବା ବେଳେ ସେଠାରେ ବସବାସ କରୁଥିବା ଭୂମିହୀନ ଦଳିତବର୍ଗ ପକ୍ଷରୁ ମଙ୍ଗଳବାର ବିରୋଧ କରାଯାଇଛି। ଏନେଇ ନିରଞ୍ଜନ ଭୋଇ ,ଫକିର ଭୋଇ ଓ ଗୋବିନ୍ଦ ଭୋଇଙ୍କ ନେତୃତ୍ୱରେ ବହୁ ଭୂମିହୀନ ପରିବାରର ମହିଳା ଓ ପୁରୁଷ ଉକ୍ତ ଜମିରେ ଧାରଣା ଦେଇଥିଲେ। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଶଶିକାନ୍ତ ରାଉତ ଓ ତାଙ୍କ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଗାମୀ ୫ତାରିଖ ମଧ୍ୟରେ ଏସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନାକରି ବିହିତ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଏଠାରେ ବସବାସ କରୁଥିବା ଭୂମିହୀନ ଦଳିତମାନଙ୍କୁ ସରକାର ଶାବକ ଜମିପଟ୍ଟା ପ୍ରଦାନ କରିଥିଲେ। ମାତ୍ର ପରେ ସରକାର ଉକ୍ତ ଜମିଗୁଡିକରୁ ଶାବକ ପଟ୍ଟା ଉଚ୍ଛେଦ କରି ହାଲ ପଟ୍ଟାରେ ପରିଣତ କରିଥିଲେ। ସେଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଜମିଗୁଡିକୁ ସରକାରୀ ସଂସ୍ଥା ମାଧ୍ୟମରେ ବିକ୍ରି କରିଥିଲେ। ଏନେଇ ପୂର୍ବରୁ ଏଠାକର ଦଳିତ ପରିବାର ପକ୍ଷରୁ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ବାଙ୍କୀ ଏନ୍‌ଏସିର ମନମୁଖି କାର୍ଯ୍ୟକଳାପକୁ ବିରୋଧ

# କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ବିକ୍ଷୋଭ




ଭାଜପା ପକ୍ଷରୁ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ବାଙ୍କୀ,୨୪।୧୨(ସ୍ୱ.ପ୍ର.)

ବାଙ୍କୀ ଏନ୍‌ଏସିରେ ମନମୁଖି କାର୍ଯ୍ୟ ଚାଲିଥିବା ଅଭିଯୋଗ କରି ଭାଜପା ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନ୍‌ଏସି ଅଞ୍ଚଳରେ ରାସ୍ତା ନିର୍ମାଣ ହେଉ ନଥିବା ବେଳେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହେଉନାହିଁ ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ରାଷ୍ଟ୍ରୀୟ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ କମିଟି ସଭ୍ୟ ଶୁଭ୍ରାଂଶୁ ମୋହନ ପାଢୀଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ୨ଦଫା ଦାବି ସମ୍ବଳିତ ଏକ ସ୍ମାରକ ପାତ୍ର ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ବରିଷ୍ଠ କର୍ମଚାରୀ ରୁଦ୍ରନାରାୟଣ ପତିଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସହକାରୀ ଜିଲାପାଳ ନାରାୟଣ ସାହୁଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ୭ଦିନ ଭିତରେ ସମସ୍ୟାର ସମାଧାନ ନ ହେଲେ ଏନ୍‌ଏସି କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ନଗର ଭାଜପା ସଭାପତି ଶ୍ରୀନିବାସ ବେହେରା ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଭାଜପା ପକ୍ଷରୁ ପ୍ରଣବ ମହାପାତ୍ର, ବାପି ସାମଲ, ଅଜିତ ରଣା, ବନୋଜ କୁମାର ହାତୀ, ଜିତେନ୍ କୁମାର ତ୍ରିପାଠୀ, ବିକାଶଚନ୍ଦ୍ର ରଥ, ପ୍ରମୋଦ କୁମାର ସାମଲ ଓ ସୋମନାଥ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ସଡ଼କ ଦୁର୍ଘଟଣାରେ ଯୁବତୀ ମୃତ

ଆଠଗଡ,୨୪।୧୨(ସ୍ୱ.ପ୍ର.)

ଆଠଗଡ ଥାନା ପୁରୁଣା କଟକ-ସମ୍ବଲପୁର ରାସ୍ତାର ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ କଲରାଗଡ ଛକରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱର ପ୍ରଶାନ୍ତି ନଗରସ୍ଥିତ ସଚ୍ଚିନ୍ଦ୍ର ବିଶୋଇଙ୍କ ଝିଅ ଆନନ୍ଦିନୀ(୨୪)। ଆନନ୍ଦିନୀ ଏକ ବାଇକରେ ବନ୍ଧୁ ସାର୍ଥକ ପରିଡାଙ୍କ ସହ ଏହି ବାଟଦେଇ ଯାଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଭ୍ୟାନ ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ବାଇକ ଚାଳକ ସାର୍ଥକ ଓ ଆନନ୍ଦିନୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆଠଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଆନନ୍ଦିନୀଙ୍କୁ ମୃତ ଘୋଷଣା କରିଥିଲେ। ସାର୍ଥକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବରପାଇ ଆଠଗଡ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଥାନାରେ ଅପମୃତ୍ୟୁ ମାମଲା (ନଂ.୪୭/୧୯) ରୁଜୁ କରିଛି।

### ଅବକାରୀ ଚଢ଼ାଉ ଦେଶୀ ମଦ ଜବତ: ୫ ଗିରଫ

ନରସିଂହପୁର, ୨୪।୧୨ (ଡି.ଏନ୍.ଏ.)

ନରସିଂହପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଅବକାରି ବିଭାଗ ପକ୍ଷରୁ ଚଢାଉ କରାଯାଇ ଦେଶୀ ମଦ ଜବତ କରାଯାଇଛି। ଏନେଇ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଥାନା ଅନ୍ତର୍ଗତ ବାରଭାୟା ଗ୍ରାମର ପୂର୍ଣ୍ଣ ନାୟକ, ପବନି ବେହେରା, ନରହରି ଦାସଙ୍କଠାରୁ ୧୦ଲିଟରୁ ଊର୍ଦ୍ଧ୍ୱ ଦେଶୀ ମଦ ଜବତ କରାଯାଇଥିବା ବେଳେ ପୁରୁଷୋତ୍ତମପୁର ଗ୍ରାମର ପ୍ରମୋଦ ବେହେରାଙ୍କଠାରୁ ୪ଲିଟର ଓ ଗମ୍ଭାରିଖୋଲ ଗ୍ରାମର ରମେଶ ନାୟକଙ୍କଠାରୁ ୩ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ ଜବତ କରାଯାଇଛି ବୋଲି ଅବକାରୀ ଅଧିକାରୀ ଠାପା ମାରାଣ୍ଡି କହିଛନ୍ତି।

## ଝାଡ଼େଶ୍ୱରପୁର ଗୁଳିକାଣ୍ଡ

# ୩ ଅଭିଯୁକ୍ତ ଗିରଫ

ମାହାଙ୍ଗା,୨୪।୧୨(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅନ୍ତର୍ଗତ ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଝାଡେଶ୍ୱରପୁର ଗ୍ରାମରେ ଗତ ୨୮ ତାରିଖରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ମଙ୍ଗଳବାର ବନ୍ଧୁକ ଚାଳକ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଜଗତସିଂହପୁର ଜିଲା ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ କୁଆମଙ୍ଗା ଗ୍ରାମର ସଞ୍ଜୟ ବେହେରା ଓରଫ ବିକାଶ (୨୯), ଝାଡେଶ୍ୱରପୁର ଗ୍ରାମର କାର୍ତ୍ତିକ ରାଉତ ଓ ଗୋବିନ୍ଦପୁର ଗ୍ରାମର ଗୋବିନ୍ଦ ଓଝା। ସୂଚନଯୋଗ୍ୟ, ଝାଡେଶ୍ୱରପୁର ଗ୍ରାମର ଜ୍ୟୋତିସମ୍ରାଟ ପ୍ରହରାଜଙ୍କ ଉପରକୁ ବିକାଶ ଗୁଳି ଚଳାଇଥିବା ବେଳେ ଅନ୍ୟ ୨ ଜଣ ଏଥିରେ ସହଯୋଗ କରିଥିଲେ। ଏହି ଘଟଣାରେ ବିକାଶ ଧରପଡିଛନ୍ତି। ମାତ୍ର ଅନ୍ୟ ୨ ଜଣ ସହଯୋଗୀ ଏବେବି ଫେରାର ଅଛନ୍ତି। ସେହିପରି ଘଟଣା ସହ ସମ୍ପୃକ୍ତି ଅଭିଯୋଗରେ କାର୍ତ୍ତିକ ଓ ଗୋବିନ୍ଦଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ କିଛି ଜଣ ଏବେବି ଫେରାର ରହିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଗୁଳିକାଣ୍ଡ ଘଟିଥିଲା ବୋଲି ଥାନା ଆଇଆଇସି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ଭଉଣୀଭାଇ ହତ୍ୟା ମାମଲାର ରାୟ ପ୍ରକାଶ

# ୩ ଦୋଷୀଙ୍କୁ ଆଜୀବନ ଜେଲ, ଜରିମାନା

ସାଲେପୁର/ଲଳିତଗିରି, ୨୪।୧୨(ଡି.ଏନ୍.ଏ)

ସାଲେପୁର କୋର୍ଟରେ ମଙ୍ଗଳବାର ଭଉଣୀଭାଇ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଏହି ରାୟ ପ୍ରକାଶ କରି ଦୋଷୀ ସାବ୍ୟସ୍ତ ହୋଇଥିବା ୩ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଦୋଷୀମାନେ ହେଲେ ଗଙ୍ଗପୁରା ଗ୍ରାମର ପ୍ରଶାନ୍ତ କୁମାର ଜେନା (୩୪), ଗୟାଧର ଜେନା (୪୦), ପ୍ରଭାତ କୁମାର ଜେନା (୩୨)।ଗତ ୨୦୧୭ରେ ମାର୍ଚ୍ଚ ୧୪ରେ ମାହାଙ୍ଗା ଥାନା ଅନ୍ତର୍ଗତ ପଶୁଲୁଣ୍ଡା ଓ ଗଙ୍ଗପୁରା ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଦୋଳ ମେଳଣ ବେଳେ ବିମାନ ଠାକୁର ଭୋଗ ଖାଇବାକୁ କେନ୍ଦ୍ର କରି ଏହି ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଗଣ୍ଡଗୋଳ ବେଳେ ପ୍ରଶାନ୍ତ, ଗୟାଧର ଓ ପ୍ରଭାତ ପ୍ରମୁଖ ମାରଣାସ୍ତ୍ର ସହାୟତାରେ ଆକ୍ରମଣ କରି ପଶୁଲୁଣ୍ଡା ଗ୍ରାମର ଅନୁସୟା ଜେନା ଏବଂ ତାଙ୍କ ଭାଇ ଲକ୍ଷ୍ମୀକାନ୍ତ ଜେନାଙ୍କୁ ହତ୍ୟା କରିଥିଲେ। ଏହି ଆକ୍ରମଣରେ ଅନ୍ୟ କେତେ ଜଣ ଗୁରୁତର ହୋଇଥିଲେ। ଏନେଇ ପଶୁଲୁଣ୍ଡା ଗ୍ରାମର ବିକ୍ରମ କୁମାର ଜେନା ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ମାହାଙ୍ଗା ପୋଲିସ ମାମଲା (ନଂ.୪୯/୧୭)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ା କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। କୋର୍ଟରେ ଏସ୍‌ଟି ମାମଲା (ନଂ. ୭/୧୮) ଅନୁଯାୟୀ ଏହି ମାମଲାର ଶୁଣାଣି ଚାଲିଥିଲା।

# ସଚେତନ ହେଲେ ଖାଉଟି ଠକାମିରୁ ରକ୍ଷା ପାଇବେ

ଆଠଗଡ, ୨୪।୧୨(ସ୍ୱ.ପ୍ର.)

ଆଠଗଡ ଯୋଗାଣ ବିଭାଗ ଏବଂ ଖାଉଟି କଲ୍ୟାଣ ସଂଘର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଜାତୀୟ ଖାଉଟି ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଓ ସଭା ଆୟୋଜନ କରାଯାଇଥିଲା। ଏନେଇ ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠରୁ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦ୍ୱାରା ଆୟୋଜିତ ଶୋଭାଯାତ୍ରାକୁ ଆଠଗଡ ଉପଜିଲାପାଳ ଅମୀୟ କୁମାର ସାହୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ହାତରେ ଖାଉଟି ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ପରେ ସ୍କୁଲ ପ୍ରେକ୍ଷାଳୟରେ ସଭା ଆୟୋଜନ କରାଯାଇଥିଲା। ଖାଉଟି କଲ୍ୟାଣ ସଂଘର ସଭାପତି ପ୍ରାଣକୃଷ୍ଣ ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ସଭାରେ ମୁଖ୍ୟଅତିଥିଭାବେ ଉପଜିଲାପାଳ ସାହୁ ଯୋଗଦେଇ ସଚେତନ ହେଲେ ବିଭିନ୍ନ କମ୍ପାନୀ ଓ ବ୍ୟବସାୟୀଙ୍କ ଠକାମୀରୁ ରକ୍ଷା ପାଇପାରିବା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଅଦ୍ୱୈତ ଚରଣ ପଣ୍ଡା ଓ ସହକାରୀ ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ ଯୋଗଦେଇ ଖାଉଟି ମାନଙ୍କ ସୁରକ୍ଷା ଥିବା ଆଇନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ ଓ ଅନିସ୍ ମହମ୍ମଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ଜାତୀୟ ଖାଉଟି ଦିବସ ଅବସରରେ ଆୟୋଜନ କରାଯାଇଥିବା ଶୋଭାଯାତ୍ରା।

## କେନ୍ଦ୍ରାପଡା ଏମ୍‌ପିଙ୍କ ନିଶ୍ଚିନ୍ତକୋଇଲି ଗସ୍ତ

# ବ୍ଲକ କର୍ମଚାରୀଙ୍କ ସେଲ୍ଫି ମାନିଆ

ନିଶ୍ଚିନ୍ତକୋଇଲି,୨୪।୧୨(ସ୍ୱ.ପ୍ର.)



ଏମ୍‌ପି ଅନୁଭବ ମହାନ୍ତିଙ୍କ ସହ ବ୍ଲକ କର୍ମଚାରୀ ଓ ଅନ୍ୟମାନେ ସେଲ୍ଫି ନେଉଛନ୍ତି।

କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତିଙ୍କ ମଙ୍ଗଳବାର ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତ ବେଳେ ବ୍ଲକ କର୍ମଚାରୀଙ୍କ ସେଲ୍‌ଫି ମାନିଆ ଦେଖିବାକୁ ମିଳିଛି। ଅନୁଭବଙ୍କ ଜନ୍ମ ଦିନ ଥିବାରୁ ବ୍ଲକ କାର୍ଯ୍ୟାଳୟରେ ବେଲୁନ ଲଗାଯାଇଥିବା ସୂଚନା ମିଳିଛି। ସେ ସେଠାରେ ପହଞ୍ଚିବା ପରେ ବ୍ଲକ କର୍ମଚାରୀମାନେ କାମ ଦାମ ଛାଡି ସେଠାରେ ଭିଡ଼ ଜମାଇଥିଲେ। ସମ୍ମିଳନୀ କକ୍ଷରେ ଲୋକପ୍ରତିନିଧି ଓ କର୍ମଚାରୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ସରକାରୀ କାର୍ଯ୍ୟରେ ବାଧା ଉପୁଜିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏମ୍‌ପି ମହାନ୍ତି ଦିନ ପ୍ରାୟ ୧୨ଟା ବେଳେ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସ୍ଥାନୀୟ ଲୋକପ୍ରତିନିଧି ଓ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ସବିତା ଓଝା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ରମାକାନ୍ତ ମହାନ୍ତି, ଗିରିଶ ରଞ୍ଜନ ମହାପାତ୍ର ଓ ଅଶୋକ ଓଝା ପ୍ରମୁଖ ଯୋଗଦେଇଥିଲେ।

## ■ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନରେ ଅନିୟମିତତା

# ପରିବାରର ଏକାଧିକ ସଦସ୍ୟଙ୍କୁ ମିଳିଛି କ୍ଷତିପୂରଣ

■ଚାକିରିଆ ଓ କୋଠାଘର ଥିବା ବ୍ୟକ୍ତିଙ୍କୁ ସାମିଲ କରାଯାଇଛି
■ଘର ଭାଙ୍ଗି ନ ଥିବା ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତାଲିକାରେ ସ୍ଥାନ ପାଇଛନ୍ତି
■ଉଚ୍ଚସ୍ତରୀୟ ତଦନ୍ତ ଦାବି

ମାହାଙ୍ଗା,୨୪।୧୨(ସ୍ୱ.ପ୍ର.)

ମାହାଙ୍ଗା ତହସିଲରେ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନରେ ହୋଇଥିବା ଅନିୟମିତତା ଗୁମର ଧୀରେ ଧୀରେ ଖୋଲିବାରେ ଲାଗିଛି । ଫନୀରେ ଘର ଭାଙ୍ଗିଥିବା ପରିବାରଗୁଡିକୁ ସରକାର ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିବା ପରେ ମାହାଙ୍ଗା ବ୍ଲକର କିଛି କ୍ଷତିଗ୍ରସ୍ତ ପରିବାରର ଏକାଧିକ ସଦସ୍ୟଙ୍କୁ ପୃଥକଙ୍ଭାବେ ସହାୟତା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ତହସିଲ ଅନ୍ତର୍ଗତ ପଲ୍ଲୀସାହି ପଞ୍ଚାୟତ ଖନ୍ଦୋଳ ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଘର ଭାଙ୍ଗି ନ ଥିଲେ ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ତାଲିକାରେ ସାମିଲ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ମୋଟ୍ ୯୫, ୧୦୦ଟଙ୍କା ଆର୍ଥିକ ସହାୟତା ଦେବା ଲାଗି ତାଲିକାରେ ଉଲ୍ଲେଖ କରାଯାଇଛି। ଏହି ତାଲିକାରେ ଚାକିରିଆ ଓ କୋଠାଘର ଥିବା ଲୋକଙ୍କୁ ମଧ୍ୟ ସାମିଲ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଗ୍ରାମର କ୍ଷୀରୋଦ ନାୟକ,ଅନିରୁଦ୍ଧ ନାୟକ ଏବଂ ସୁରେଖା ନାୟକ ଗୋଟିଏ ପରିବାରର ହୋଇଥିବାବେଳେ ସେମାନଙ୍କୁ ପୃଥକ ଭାବେ ସହାୟତା ପ୍ରଦାନ କରାଯାଇଛି। ସେହିପରି କୈଳାସ ଚନ୍ଦ୍ର ମହାରଣା,୨ ପୁତ୍ର ଉମାକାନ୍ତ ମହାରଣା ଓ ରମାକାନ୍ତ ମହାରଣାଙ୍କୁ ଭିନ୍ନ ଭିନ୍ନ ପରିବାର ବୋଲି ଦର୍ଶାଯାଇ ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ସହାୟତା ମିଳିଛି । ଏହାଛଡା ଗ୍ରାମର ବ୍ରଜବନ୍ଧୁ ସେଠୀ ଓ ଗଙ୍ଗାଧର ସେଠୀ ୨ ଭାଇଙ୍କୁ ପୃଥକ ଭାବେ ସହାୟତା ପ୍ରଦାନ କରାଯାଇଛି। ଭୈରବ ଚନ୍ଦ୍ର ନାୟକ,ମନୋଜ କୁମାର ନାୟକ ବାପ ପୁଅ ହୋଇଥିବାବେଳେ ସେମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ତାଲିକାରେ ସାମିଲ କରାଯାଇଛି। କେଉଁ ଆଧାରରେ କିପରି ତହସିଲ ପକ୍ଷରୁ ଏହି ତାଲିକା ପ୍ରସ୍ତୁତ କରାଯାଇଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ଦିଲୀପ ନାୟକ କହିଛନ୍ତି, ଘଟଣା ତଦନ୍ତ ହେବା ପରେ ଏନେଇ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୩ କରତକଳରେ ଚଢ଼ାଉ

ନିଆଳି,(ଡି.ଏନ୍.ଏ): ନିଆଳି ଥାନା ଅଞ୍ଚଳରେ ବେଆଇନ୍ ଭାବେ ଚାଲୁଥିବା ତିନୋଟି କରତ କଳରେ ମଙ୍ଗଳବାର ଫୁଲନଖରା ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ପ୍ରାୟ ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ବନଖଣ୍ଡ ଅଧିକାରୀ ଅଶୋକ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ନିଆଳି ବଜାର, ନାଛିଗାଁ ଓ ଗଜାବର ଠାରେ ବେଆଇନ୍ ଭାବେ ଚାଲୁଥିବା କରତ କଳରେ ଚଢ଼ାଉ କରାଯାଇଥିଲା।



## ସଂକ୍ଷେପରେ

### ଏସ୍‌ସିବି ମେଡିକାଲରୁ ଦଲାଲ ଗିରଫ

କଟକ ଅଫିସ, ୨୪।୧୨- ଏସ୍‌ସିବି ମେଡିକାଲରୁ ମଙ୍ଗଳବାର ଜଣେ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲା ଗୁଆମାଳ ଅଞ୍ଚଳର ପ୍ରଦୀପ ସାହୁ(୩୮)। ଏ ନେଇ ଥାନାରେ ମାମଲା(ନଂ.୩୬୦/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ପ୍ରଦୀପ ଏସ୍‌ସିବି ମେଡିକାଲ ହୃଦ୍‌ରୋଗ ବିଭାଗ ସାମ୍ନାରେ ରୋଗୀ ଓ ତାଙ୍କ ପରିବାର ଲୋକଙ୍କୁ ଘରୋଇ କ୍ଲିନିକରେ ଚିକିତ୍ସା କରାଇବା ପାଇଁ ପ୍ରବର୍ତ୍ତାଉଥିଲେ। ଏକ ନିର୍ଦ୍ଦିଷ୍ଟ ଘରୋଇ କ୍ଲିନିକରେ କମ୍ ଟଙ୍କାରେ ଉନ୍ନତମାନର ଚିକିତ୍ସା କରାଯାଉଛି ବୋଲି ସେ କହିଥିଲେ। ତେବେ ଏହି ସମୟରେ ମେଡିକାଲରେ ସାଦା ପୋଷାକରେ ଥିବା ପୋଲିସ ଦୀପକଙ୍କୁ ଗିରଫ କରିଥିଲା।

### ୧ ଲକ୍ଷ ୫୦ହଜାର ଜବତ, ଅଭିଯୁକ୍ତ ଗିରଫ

ଚୌଦ୍ୱାର,୨୪।୧୨(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଞ୍ଚଳର ଏକ କାରଖାନା ମାଲିକଙ୍କ ଗାଡ଼ିରୁ ଟଙ୍କା ଚୋରି କରିଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର କାରଖାନାର ଜଗୁଆଳି ନିର୍ମଳ ଜେନାଙ୍କୁ ଗିରଫ କରି କୋର୍ଟମ୍‌ଚାଲାଣ କରିଛି। ଏହା ସହ ତାଙ୍କ ନିକଟରୁ ୧ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି। କାରଖାନା ମ୍ୟାନେଜର ଓ ଜଗୁଆଳି ନିର୍ମଳ ପିକ୍‌ଅପ୍ ଭ୍ୟାନ୍‌ରେ କମ୍ପାନୀ ଜିନିଷ ନେଇ ଜଗତ୍‌ସିଂପୁର ଅଞ୍ଚଳରେ ମାଲ୍ ଡେଲିଭରି କରି ସେଠାରୁ ୧ଲକ୍ଷ ୫୦ହଜାର ୮୩୦ଟଙ୍କା ଆଦାୟ କରି ଆଣିଥିଲେ। ଉକ୍ତ ଟଙ୍କାକୁ ଗାଡ଼ି ସିଟ୍ ତଳେ ରଖାଯାଇଥିବା ବେଳେ କାରଖାନାରେ ଗାଡ଼ିକୁ ରଖିଦେଇ ଡ୍ରାଇଭର ଓ ମ୍ୟାନେଜର ଘରକୁ ଚାଲି ଯାଇଥିଲେ। ପରଦିନ ସେମାନେ ଆସି ଗାଡ଼ି ସିଟ୍ ତଳେ ଟଙ୍କା ନ ଥିବା ଜାଣିବା ପରେ ମାଲିକଙ୍କୁ ଜଣାଇଥିଲେ। ଏ ନେଇ କାରଖାନା ମାଲିକ ରବୀନ୍ଦ୍ର ମହାପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ (ନଂ.୫୩୨/୧୯)ରୁଜୁକରି ତଦନ୍ତ ଚଳାଇବା ସହ ନିର୍ମଳଙ୍କୁ ଗିରଫ କରିଥିଲା।

### ଜାତୀୟ ଗ୍ରାହକ ଦିବସ ପାଳିତ

କଟକ ଅଫିସ, ୨୪।୧୨- ଗ୍ରାହକ ପଞ୍ଚାୟତ କଟକ ଶାଖା ପକ୍ଷରୁ ଜାତୀୟ ଗ୍ରାହକ ଦିବସ ସ୍ଥାନୀୟ ଟାଉନ ହଲ୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଉପବାଚସ୍ପତି ରଜନୀକାନ୍ତ ସିଂ, ସମ୍ମାନିତ ବକ୍ତା ଭାବେ ଅମିତା ଦାସ, ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗ୍ରାହକ ପଞ୍ଚାୟତ ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଜିତ କେଶରୀ ବିଶ୍ୱାଳ ଯୋଗଦେଇଥିଲେ। କଟକ ଶାଖାର ସମ୍ପାଦକ ପ୍ରଶାନ୍ତ ଦାଶ, ପ୍ରକାଶ ମହାରଣା, ସଭାପତି ଯଯାତି କେଶରୀ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ବିକ୍ଷୋଭ

କଟକ ଅଫିସ,୨୪।୧୨: କଟକ ସଦର ବ୍ଲକ ଅଧୀନ ପରମହଂସ ପଞ୍ଚାୟତ ମତ୍ତଗଜପୁର ଗ୍ରାମ ବଗୁଲାପଡା ଆଦିବାସୀ ବସ୍ତି ଉଚ୍ଛେଦ ପାଇଁ ଜାଇକା ଠିକାଦାରଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାର ପ୍ରତିବାଦରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ କଟକ ଜିଲାପାଳ ଅଫିସ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବସ୍ତିରେ ଦୀର୍ଘବର୍ଷ ହେବ ବାସିନ୍ଦାମାନେ ବସବାସ କରି ଆସୁଛନ୍ତି। ସେହିପରି ସେମାନେ ସରକାରଙ୍କ ନିୟମ ଅନୁଯାୟୀ, ଭୋଟ ପରିଚୟପତ୍ର, ଆଧାର କାର୍ଡ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଆଦି ସରକାରୀ ସୁବିଧା ସୁଯୋଗ ପାଉଛନ୍ତି। ମାତ୍ର ଏହି ସ୍ଥାନରେ ଜାଇକାର ଏକ ପାଣି ବିଶୋଧନାଗାର (ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ହେବା ପାଇଁ ଯୋଜନା କରାଯାଇଛି। ଯେଉଁଥିପାଇଁ ବସ୍ତିବାସିନ୍ଦାମାନଙ୍କୁ ବସ୍ତି ଛାଡିବା ପାଇଁ ଜାଇକା ଠିକାଦାର ଧମକ ଦେଉଛନ୍ତି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ପୂର୍ବାହ୍ନରେ ବସ୍ତିବାସିନ୍ଦାମାନେ କଚେରି ଗଡାରୁ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ଏହି ପରିପ୍ରେକ୍ଷୀରେ ଧମକ ଦେଉଥିବା ଜାଇକା ଠିକାଦାରଙ୍କୁ ଗିରଫ କରିବା, ଉଚ୍ଛେଦ ପୂର୍ବରୁ ଥଇଥାନ ବ୍ୟବସ୍ଥା କରିବା ଆଦି ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ଶ୍ରମିକ ନେତା ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ବାମପନ୍ଥୀ ନେତା ବିଶ୍ୱାବସୁ ଦାସ, ବସ୍ତିନେତା ଦୀପକ ଦାସ, ପାଭେଲ ପ୍ରିୟଦର୍ଶନ, ସସ୍ମିତା ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

■ ତପ୍ତପାଣି ଘାଟିରେ ପିକ୍‌ନିକ୍ ବସ୍ ଓଲଟିବା ଘଟଣା

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ହେବନି ପିକ୍‌ନିକ



■ ଦୁର୍ଘଟଣାର ତଦନ୍ତ କରିବ ୭ଜଣିଆ କମିଟି

■ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ, ୨୪।୧୨

ଗଞ୍ଜାମ-ଗଜପତି ଜିଲା ସୀମାନ୍ତ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଘାଟିରେ ସୋମବାର ରାତିରେ ପିକ୍‌ନିକ୍ ବସ୍ ଓଲଟି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏମ୍‌ସିଏ ବିଭାଗର ୩୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଏହି ଦୁର୍ଘଟଣା ପରେ ବିଶ୍ୱବିଦ୍ୟାଳୟ କୁଳପତି ଈଶାନ କୁମାର ପାତ୍ରଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ଦୁର୍ଘଟଣାର ତଦନ୍ତ ନିମନ୍ତେ ୭ ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। ଏହି କମିଟି ମୁଖ୍ୟତଃ ୬ଟି ଦିଗ ଉପରେ ତଦନ୍ତ କରିବ।

ଏହି ଦୁର୍ଘଟଣା ପରେ ଆଗକୁ ଆଉ ପିକ୍‌ନିକ୍ ହେବନି ବୋଲି ସମସ୍ତ ବିଭାଗର ମୁଖ୍ୟଙ୍କୁ କୁଳପତି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ନ ମାନିଲେ ଉକ୍ତ ବିଭାଗର କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ବିଭାଗ ପକ୍ଷରୁ ଯଦି ଷ୍ଟଡି ଟୁର୍ ଆୟୋଜନ କରାଯାଉଥାଏ ତେବେ ମାସେ ପୂର୍ବରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ଆବଶ୍ୟକ ବୋଲି କୁଳପତି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସ୍ଥାନୀୟ ପୋଲିସର ଅନୁମତି ନେବା ମଧ୍ୟ ବାଧ୍ୟତାମୂଳକ ବୋଲି କୁଳପତି ସୂଚନା ଦେଇଛନ୍ତି। ଉକ୍ତ ଦୁର୍ଘଟଣା ପରେ ବୈଠକରେ ବିଭିନ୍ନ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ସମ୍ପର୍କିତ ଏକ ନୋଟିସ୍ ଛାତ୍ରୀଛାତ୍ରଙ୍କ ଅବଗତ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି।

ଛାତ୍ରୀଛାତ୍ର ପିକ୍‌ନିକ୍ ବିଷୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ କି ନାହିଁ, ବସ୍‌କୁ କିଏ ରିଜର୍ଭ କରିଥିଲେ, ବସ୍ କେଉଁଠାରୁ ଯାତ୍ରା ଆରମ୍ଭ କରିଥିଲା, ବସ୍‌ର ଫିଟ୍‌ନେସ ସମ୍ବନ୍ଧୀୟ କାଗଜପତ୍ର ଠିକ୍ ଥିଲା କି ନାହିଁ, ପିକ୍‌ନିକ୍ ଯାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକ ଏ ସଂକ୍ରାନ୍ତରେ ଅବଗତ ଥିଲେ କି ନାହିଁ ଓ ପିକ୍‌ନିକ୍ କାହା ତତ୍ତ୍ୱାବଧାନରେ ହୋଇଥିଲା ଏହା ଉପରେ କମିଟି ତଦନ୍ତ କରିବ। ଅନ୍ୟପକ୍ଷରେ ଏହି ପିକ୍‌ନିକ୍‌ର ମୁଖ୍ୟ କାର୍ପଟଦାରଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକ ପରେ କୁଳପତି ସୂଚନା ଦେଇଛନ୍ତି। ପିକ୍‌ନିକ୍ ବସ୍ ବିଶ୍ୱବିଦ୍ୟାଳୟ ପରିସରରୁ ଯାଇଥିବାବେଳେ ସେହି ସମୟରେ ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟ୍ ଗାର୍ଡ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କାହିଁକି ଜଣାଇଲେ ନାହିଁ। ଏଥିପାଇଁ ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁଳପତି ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। କେତେଜଣ ହଷ୍ଟେଲ କର୍ମଚାରୀ ମଧ୍ୟ ପିକ୍‌ନିକ୍‌ରେ ଛାତ୍ରୀଛାତ୍ରଙ୍କ ସହ ଯାଇଥିଲେ। ଯେଉଁ ହଷ୍ଟେଲ କର୍ମଚାରୀ ଉକ୍ତ ପିକ୍‌ନିକ୍ ଯାଇଥିଲେ ସେମାନଙ୍କ ବିରୋଧରେ ମଧ୍ୟ ଆବଶ୍ୟକ କାର୍ଯ୍ୟାଷ୍ଠାନ ନେବାକୁ କୁଳପତି କହିଛନ୍ତି।



କଟକ ନୂଆବଜାର ହାଇସ୍କୁଲ ଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ୩୮ତମ ଜିଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

# ହଟିଲା ୩୦ରୁ ଊର୍ଦ୍ଧ୍ୱ ଦୋକାନ

**ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ**

କଟକ ଅଫିସ, ୨୪।୧୨

ବିଡ଼ାନାସୀ ଥାନା ଅନ୍ତର୍ଗତ କୃଷକ ବଜାର ଓ ମର୍କତନଗର ପେଟାନାଳ ଅଞ୍ଚଳର ସରକାରୀ ଜମିରେ ଥିବା ୩୦ରୁ ଊର୍ଦ୍ଧ୍ୱ ଦୋକାନକୁ ସିଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯାଇଛି।

କୃଷକ ବଜାର ଓ ପେଟାନାଳ ପାର୍ଶ୍ୱ ସରକାରୀ ଜମି ଜବରଦଖଲ କରାଯାଇ ଏହି ଦୋକାନ ଗଢ଼ି ଉଠିଥିଲା। ଏପରି କି ରାସ୍ତାର ଉଭୟ ପାର୍ଶ୍ୱରେ କେତେକ ଲୋକ ଅସ୍ଥାୟୀ ଦୋକାନ କରି ବ୍ୟବସାୟ ଚଳାଇ ଆସୁଥିଲେ। ଜବରଦଖଲ ଯୋଗୁ ଏହି ଅଞ୍ଚଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ବାରମ୍ବାର ଅଭିଯୋଗ ହେଉଥିଲା। ସିଏମ୍‌ସି ଏବଂ ସିଡିଏ କର୍ତ୍ତୃପକ୍ଷଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ବ୍ୟବସାୟୀମାନେ ସେଠାରୁ ହଟିନଥିଲେ। ଫଳରେ ମଙ୍ଗଳବାର ଏହି ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଡ. ଅବିନାଶ ରାଉତ, ସିଡିଏ ଲ୍ୟାଣ୍ଡ ଅଫିସର ସରୋଜ ଆଚାର୍ଯ୍ୟ, ଟ୍ରାଫିକ ଥାନା ଅଧିକାରୀ ମନୋଜ ରୋଶନ ବିଲୁଙ୍ଗ, ମର୍କତନଗର ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ଡ. ରାଉତ କହିଛନ୍ତି।

## ବେଆଇନ ବାଲିଟ୍ରାକ୍ଟର ଜବତ କରିବାରୁ ତହସିଲଦାରଙ୍କୁ ଗାଳିଗୁଲଜ

କଣ୍ଟାପଡ଼ା,୨୪।୧୨(ଡି.ଏନ୍.ଏ.):

ବେଆଇନ ବାଲି ଟ୍ରାକ୍ଟର ଜବତ କରିବାରୁ ଦୁଇ ଜଣ ଯୁବକ କଣ୍ଟାପଡା ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ଗାଳିଗୁଲଜ କରିବା ସହ ଟ୍ରାକ୍ଟରକୁ ନେଇଯାଇଥିବା ମଙ୍ଗଳବାର ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କଣ୍ଟାପଡା ତହସିଲ ଅନ୍ତର୍ଗତ ଦେବୀ ନଦୀର ଶିରସୁନ୍ଦରପୁର ନିକଟରୁ ବେଆଇନଭାବେ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଥିଲା। ମଙ୍ଗଳବାର ଖବରପାଇ କଣ୍ଟାପଡା ତହସିଲଦାର ଆର୍ତ୍ତତ୍ରାଣ ମଲିକ ଓ ଅତିରିକ୍ତ ତହସିଲଦାର ସୁଧାଂଶୁ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ଏକ ନମ୍ବର ବିହୀନ ଟ୍ରାକ୍ଟର ବାଲି ନେଇ ସେଠାରୁ ଯାଉଥିବାବେଳେ ତହସିଲଦାର ଉକ୍ତ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଦେଖାଇବାକୁ କହିଥିଲେ। କିନ୍ତୁ ଡ୍ରାଇଭର ଜଣକ କାଗଜପତ୍ର ଦେଖାଇ ନ ପାରିବାରୁ ତହସିଲଦାର ଗାଡ଼ିକୁ ଥାନାରେ ଜିମା ଦେବା ପାଇଁ ନେଉଥିଲେ। ଏହି ସମୟରେ ୨ଜଣ ଯୁବକ ଏକ କାରରେ ଆସି ଗୋବିନ୍ଦପୁର ରଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ତହସିଲଦାରଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଗାଡ଼ିକୁ ନ ଛାଡିଲେ ଗାଡି ଚଢ଼ାଇ ମାରିଦେବୁ ବୋଲି ଧମକ ଦେଇଥିଲେ। ଏହି ସମୟରେ ଟ୍ରାକ୍ଟର ଚାଳକ ଗାଡି ନେଇ ସେଠାରୁ ଫେରାର ହେଇଯାଇଥିଲେ।

# ୨୭ରୁ ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ

କଟକ ଅଫିସ, ୨୪।୧୨

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ୩୮ ତମ ରାଜ୍ୟସ୍ତରୀୟ ଶିଶୁଉତ୍ସବ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକ ଶହୀଦ ଭବନଠାରେ ଅନୁଷ୍ଠିତ ହେବ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୩୦ ତାରିଖରେ ଓଷ୍ଟା ପକ୍ଷରୁ ଶିକ୍ଷାଭ୍ରମଣରେ ନେବାର କାର୍ଯ୍ୟକ୍ରମ ରହିଛି। ଶିଶୁର ଅନ୍ତର୍ନିହିତ ପ୍ରତିଭା ଲୋକଲୋଚନକୁ ଅଣାଯାଇପାରିଲେ ତାହାର ବିକାଶ ଘଟେ। ମାନବ ସଭ୍ୟତା ଆଗକୁ ବଢ଼େ, ସମାଜ ବଳିଷ୍ଠ ଓ ପରିପୁଷ୍ଟ ହୁଏ। ଏହି କାର୍ଯ୍ୟକ୍ରମକୁ 'ଶିଶୁମେଳା' ଜରିଆରେ ଓଷ୍ଟା ନିରବଚ୍ଛିନ୍ନ ଭାବେ କରିଚାଲିଛି ବୋଲି ମଙ୍ଗଳବାର ସଂଘର ସମ୍ମେଳନ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଥିଲେ। ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀ ରାଜ୍ୟସ୍ତରୀୟ ଶିଶୁଉତ୍ସବରେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ପ୍ରତି ବିଭାଗରେ ଶ୍ରେଷ୍ଠ ବିବେଚିତ ଚାରିଜଣଙ୍କୁ ପୁରସ୍କୃତ କରାଯିବ। ଏହି ଉତ୍ସବରେ ଆଦର୍ଶ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଖବରଦାତା ସମ୍ମିଳନୀରେ ଓଷ୍ଟାର ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ, କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା, ଯୁଗ୍ମସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଭିକାରି ଚରଣ ସାହୁଙ୍କ ସମେତ ବହୁ କାର୍ଯ୍ୟକରୀ ସମିତି ସଭ୍ୟ ଓ ଜିଲ । ସମ୍ପାଦକମାନେ ଉପସ୍ଥିତ ଥିଲେ।

## କଟକ ଟ୍ୟାକ୍ସ ବାର୍ ଆସୋସିଏଶନର ବାର୍ଷିକ ଉତ୍ସବ

କଟକ ଅଫିସ,୨୪।୧୨: କଟକ ଟ୍ୟାକ୍ସ ବାର୍ ଆସୋସିଏଶନର ସମ୍ମିଳନୀ କକ୍ଷରେ ଆସୋସିଏଶନର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜଷ୍ଟିସ ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ମୁଖ୍ୟବକ୍ତା ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଆଡଭୋକେଟ ଜେନେରାଲ ବିଜୟକୃଷ୍ଣ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ଓଡ଼ିଶା ବିକ୍ରି କର ନ୍ୟାୟାଧିକରଣର ସଦସ୍ୟ ଏମ୍.ଆର୍. ଭି. ରାଓ, ଆଇନଜୀବୀ ଯଦୁମଣି ସାହୁ, ପ୍ରହଲ୍ଲାଦ ବ୍ୟାସ, ନଟବର ମହାନ୍ତି, ପ୍ରଦୀପ ପଟ୍ଟନାୟକ, ଆଶିଷ ମିଶ୍ର, ତୁଷାରକାନ୍ତି ଶତପଥୀ, ସୁନୀଲ ମିଶ୍ର, ପ୍ରସନ୍ନ ରାୟଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଶ୍ରଦ୍ଧା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବାର୍‌ର ସଭାପତି ନଟବର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ସମ୍ପାଦକ ଦିଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।





କଟକ ଏସ୍‌ସିବି ମେଡିକାଲ କଲେଜ ପୁରୁଣା ଅଡିଟୋରିୟମରେ ଓଡ଼ିଶା ମେଡିକାଲ ଶିକ୍ଷକ ସଂଘ ଉଦ୍‌ଘାଟନୀ ଉତ୍ସବରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଉଦ୍‌ବୋଦନ ଦେଉଛନ୍ତି।

■ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ

# ସୂର୍ଯ୍ୟୋପରାଗ ଦେଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

କଟକ ଅଫିସ, ୨୪।୧୨

ଆସନ୍ତା ଗୁରୁବାର ସକାଳ ସାଢେ ୮ଟାରୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ଓଡ଼ିଶାରେ ଆଂଶିକ ସୂର୍ଯ୍ୟୋପରାଗ ହେବ। ସକାଳ ୯.୪୫ ମିନିଟ୍‌ରେ ସୂର୍ଯ୍ୟର ସର୍ବାଧିକ ୬୦ଭାଗ ପରାଗ ଲାଗିବ। ତେବେ ଜନସାଧାରଣଙ୍କୁ ନିରାପଦରେ ସୂର୍ଯ୍ୟୋପରାଗ ଦେଖିବାର ସୁଯୋଗ ଦେବା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଟେଲିସ୍କୋପ ଓ ଫିଲଟର ମାଧ୍ୟମରେ ସାମୁହିକ ଭାବେ ଏଠାରେ ସୂର୍ଯ୍ୟୋପରାଗ ଦେଖିବା ପାଇଁ ବିଜ୍ଞାନ ଚେତନା ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି। ତେବେ ସୂର୍ଯ୍ୟୋପରାଗ ସମ୍ପର୍କରେ ବିଭିନ୍ନ ବୈଜ୍ଞାନିକ ତଥ୍ୟ, ଏହି ସମୟରେ ଦେଶ ବିଦେଶରେ ପୂର୍ବରୁ ସଙ୍ଗଠିତ ହୋଇଥିବା ବୈଜ୍ଞାନିକ ଗବେଷଣା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବା ନିମନ୍ତେ ବିଜ୍ଞାନ ଚେତନା ମଞ୍ଚ, ଓଡ଼ିଶା ପକ୍ଷରୁ ଗତ ୧୫ଦିନ ଧରି କଟକ ଜିଲାର ୫୦ରୁ ଅଧିକ ଶିକ୍ଷାନୁଷ୍ଠାନରେ ଆଲୋଚନାଚକ୍ର ଏବଂ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶାଳାରେ ସୂର୍ଯ୍ୟଙ୍କୁ କିପରି ସନ୍‌ଫିଲଟର ବା ପିନହୋଲ କ୍ୟାମେରା ଏବଂ ଟେଲିସ୍କୋପ ମାଧ୍ୟମରେ ନିରାପଦରେ ଦେଖିହେବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଅନ୍ୟପକ୍ଷରେ ସୂର୍ଯ୍ୟପରାଗ ସମ୍ପର୍କିତ ତଥ୍ୟକୁ ସାର୍ବଜନୀନ କରିବା ପାଇଁ ନିର୍ଦ୍ଦେଶକ ମନୋଜ ସିହ୍ନାଙ୍କ ନିର୍ଦ୍ଦେଶନାରେ ଏକ ଭିଡିଓ ପ୍ରସ୍ତୁତ କରାଯାଇ ଇଣ୍ଟରନେଟ୍‌ରେ ଉପଲବ୍ଧ କରାଯାଇଛି। ଏହି ଜାଗତିକ ଦୃଶ୍ୟକୁ ଲୋକମାନେ ନିରାପଦରେ ଦେଖିବା ସହ ଏହା ସହିତ ଜଡିତ ବୈଜ୍ଞାନିକ ଦିଗ ସମ୍ପର୍କରେ ଆଲୋଚନା କରିବା ପାଇଁ 'ବିଜ୍ଞାନ ଚେତନା ମଞ୍ଚ'ର ସାଧାରଣ ସମ୍ପାଦକର ଡ. ସିଦ୍ଧାର୍ଥ ଭରଦ୍ୱାଜ ଆହ୍ୱାନ ଦେଇଛନ୍ତି। ଷ୍ଟିୱାର୍ଟ ସାଇନ୍ସ କଲେଜ ଅଧ୍ୟକ୍ଷ ଡ. ଦେବାଶିଷ ଆଚାର୍ଯ୍ୟ, ଡ. ମହେନ୍ଦ୍ର କାୟସ୍ଥ, ଶୁଭ୍ରା ରାୟ, ସୌମ୍ୟରଞ୍ଜନ ସେନାପତି, ସଚ୍ଚିରଞ୍ଜନ ବେହେରା ପ୍ରମୁଖ କଟକ ଗାନ୍ଧୀଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବିଶ୍ୱନାଥଙ୍କ ଅବଦାନ ଚିରସ୍ମରଣୀୟ

କଟକ ଅଫିସ, ୨୪।୧୨

କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବାଗ୍ମୀ ବିଶ୍ୱନାଥ କରଙ୍କ ୧୫୫ତମ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁ ଅଧ୍ୟକ୍ଷତା କରି କହିଥିଲେ, ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆ ସାହିତ୍ୟର ବିକାଶ ପାଇଁ ବାଗ୍ମୀ ବିଶ୍ୱନାଥ କରଙ୍କ ଅବଦାନ ଚିରସ୍ମରଣୀୟ। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ କହିଥିଲେ, ପତ୍ରିକା ସମ୍ପାଦନା, ସୃଜନଶୀଳ ସୃଷ୍ଟି ଓ ସାହିତ୍ୟ ସଙ୍ଗଠନ କ୍ଷେତ୍ରରେ ତାଙ୍କର ଅବଦାନ ଅନନ୍ୟ। ଏହି ଅବସରରେ ବିଶ୍ୱନାଥଙ୍କ ପ୍ରତିମୂର୍ତ୍ତି ସହିତ ଅନୁଷ୍ଠାନ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ। ଏଥିରେ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବଶ୍ୱାଳ, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ବ୍ରହ୍ମାନନ୍ଦ ମହାନ୍ତି, ତପନ ସ୍ୱାଇଁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସିଏଏ ବିରୋଧରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ





ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

କଟକ ଅଫିସ,୨୪।୧୨

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ମଙ୍ଗଳବାର କଟକର କିଛି ଛାତ୍ରୀଛାତ୍ର ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ବକ୍ସିବଜାରସ୍ଥିତ ଗୋପବନ୍ଧୁ ପାର୍କ ସମ୍ମୁଖରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ବକ୍ସିବଜାର ଛକ ନିକଟରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ସରକାର ସିଏଏକୁ ରଦ୍ଦ ନ କଲେ ଆଗକୁ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ଏହି ଆନ୍ଦୋଳନରେ ଡ. ବିପ୍ଳବ ଶିଳାଦିତ୍ୟ, ଆଲେୟନା ଆମିନ୍, ଏମ୍‌ଡି ସାକଲିନ୍, ଶିବ ଅଗ୍ରୱାଲ, ପ୍ରତୀକ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଜାତୀୟ ଉପଭୋକ୍ତା ଦିବସ

କଟକ ଅଫିସ,୨୪।୧୨

ଓଡ଼ିଶା ଉପଭୋକ୍ତା ସଂଘ ପକ୍ଷରୁ ହାଇକୋର୍ଟ କନ୍‌ଭେନଶନ ହଲ୍‌ରେ ମଙ୍ଗଳବାର ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହାଇକୋର୍ଟ ଆଇନଜୀବୀ ସଂଘ ସଭାପତି ଗୋପାଳ କୃଷ୍ଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉପଭୋକ୍ତା ଆଇନ ବିଷୟରେ ଆଲୋଚନା କରିଥିଲେ। ଉପଭୋକ୍ତା ବିବାଦ ସମାଧାନ ସଂସ୍ଥାର ସଭାପତି ଧ୍ରୁବଚରଣ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପଭୋକ୍ତା ଆଇନ ୧୯୮୬ ଏବଂ ଉପଭୋକ୍ତା ଆଇନ ୨୦୧୯ରେ ହୋଇଥିବା ବ୍ୟାପକ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ। ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗର ସଦସ୍ୟା ସ୍ମରିତା ମହାନ୍ତି ଯୋଗଦେଇ ବିବାଦୀୟ ମାମଲାଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସଂଘ ସଭାପତି ମାମଲାଗୁଡ଼ିକର ସମାଧାନ କିପରି ଶୀଘ୍ର କରାଯିବ ସେ ବିଷୟରେ ସଂଘର ଭୂମିକା ଏବଂ କାର୍ଯ୍ୟ ଉପରେ କହିଥିଲେ। ସଂଘ ଉପସଭାପତି ବିଚିତ୍ରାନନ୍ଦ ସାମଲ ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲା ଫୋରମର ସଦସ୍ୟା ସର୍ମିଷ୍ଠା ନାଥ ଯୋଗଦେଇଥିଲେ।

# 'ଶିକ୍ଷା ହିଁ ସମାଜ ଗଠନର ମୂଳଦୁଆ'

ନିଆଳି,୨୪।୧୨(ଡି.ଏନ୍.ଏ.):

ଶିକ୍ଷା ହିଁ ସମାଜ ଗଠନର ମୂଳଦୁଆ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ସହ ବିଦ୍ୟାର୍ଥୀଙ୍କ ଚରିତ୍ର ଗଠନ ପାଇଁ ବିଶେଷ ଧ୍ୟାନ ଦିଆଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ନିଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହରେ ମଙ୍ଗଳବାର ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ ଏହା କହିଛନ୍ତି। ସମ୍ମାନିତ ଅତିଥିଭାବେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ଅଭିଭାବକ ଓ ଗୁରୁମା' ଗୁରୁଜୀମାନେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଓଡ଼ିଶା ଶିକ୍ଷାବିକାଶ ସମିତି ସଙ୍ଗଠନ ସମ୍ପାଦକ ରମାକାନ୍ତ ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ପରିଚାଳନା କମିଟିର ସମ୍ପାଦକ ଗୌରବ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା କମିଟିର ସଭାପତି କୈଳାସ ଚନ୍ଦ୍ର ସୁର ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ କୂଳମଣି ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ରାଜ୍ୟପାଳ, ଅବସରପ୍ରାପ୍ତ ଆଇଜି ବଟକୃଷ୍ଣ ତ୍ରିପାଠୀ, ଚାଷୀ ରୋଜାଲିନ୍ ନାୟକ, ପ୍ରକୃତିପ୍ରେମୀ ତ୍ରିଲୋଚନ ଦାସ, ସାମାଜିକ କର୍ମୀ ଅଧିରାଜ ପରିଡ଼ା, ଅଭିନେତା ଚିତ୍ତରଞ୍ଜନ ମିଶ୍ର, ବିଭୂତିଭୂଷଣ ପାଇକରାୟ, କ୍ଷେତ୍ରମୋହନ ଦାସ, ଧରଣୀଧର ଶତପଥୀ, ସାହିତ୍ୟିକ ରବିନାରାୟଣ ରାୟ, ଶିକ୍ଷକ ପାବନୀ ବସ୍ତିଆ, ନିତ୍ୟାନନ୍ଦ ପାଢୀଙ୍କ ସମେତ ୧୨ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋକ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଛାତୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।





ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

## ବାଣପୁରରେ ଆନନ୍ଦର ଲହରି
# ଭଲିବଲ ଦଳରେ ମନୋନୀତ ସୁନୀତା

**ଖୋର୍ଦ୍ଧା ଅଫିସ, ୨୪।୧୨:**

ଓଡିଶା ମହିଳା ଭଲିବଲ ଦଳରେ ଖେଳିବାକୁ ମନୋନୀତ ହୋଇଛନ୍ତି ସୁନୀତା ମାର୍ଥା । ସୁନୀତା ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାନଅଁଳା ଗ୍ରାମର ସନାତନ ମାର୍ଥା ଓ ବାସନ୍ତୀ ଦେବୀଙ୍କ କନ୍ୟା। ସେ ଦୀର୍ଘଦିନ ଧରି ବାଣପୁରରେ ବସବାସ କରିବା ସହ ସ୍ଥାନୀୟ ଗୋଦାବରୀଶ ମହାବିଦ୍ୟାଳୟରେ ଶିକ୍ଷା ସମାପ୍ତ କରି ଭୁବନେଶ୍ୱରସ୍ଥିତ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟରେ ସ୍ନାତକ ଡିଗ୍ରୀ କରୁଛନ୍ତି। ପିଲାଦିନୁ ଖେଳକୁଦ ପ୍ରତି ଆଗ୍ରହ ରଖିଥିବା ସୁନୀତା ବାଣପୁର ମା' ଭଗବତୀ ରୁରାଲ୍ ସ୍ପୋର୍ଟସ ଏକାଡେମୀରେ ପ୍ରଶିକ୍ଷଣ ନେଇ ପରବର୍ତ୍ତୀ ସମୟରେ ସଫଳ କ୍ରୀଡାବିତ୍ ହୋଇପାରିଛନ୍ତି। ସୁନୀତା ପୂର୍ବରୁ କନିଷ୍ଠ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଚୟନ ହୋଇ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଛନ୍ତି । ନିଜ ସଫଳତାର ଶ୍ରେୟ ସେ ପ୍ରଶିକ୍ଷକ ବିଭୁଧେନ୍ଦୁ ମାନସିଂହ ଓ ବୈରାଗୀ ଚରଣ ବଳଙ୍କୁ ପ୍ରଦାନ କରିଛନ୍ତି। ଭୁବନେଶ୍ୱର କିଟ୍‌ଠାରେ ଅନୁଷ୍ଠିତ ଚୟନ ଶିବିରରେ ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରି ସେ ଓଡିଶା ଭଲିବଲ ଆସୋସିଏଶନର ଚୟନ କର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ଓଡ଼ିଶା ଦଳ ପାଇଁ ମନୋନୀତ ହୋଇଛନ୍ତି। ପୂର୍ବରୁ ମଧ୍ୟ ବାଣପୁର ସାନହନ୍ତୁଆଡ ଗ୍ରାମର କଳ୍ପଶ୍ରୀ ପ୍ରଧାନ ଏବଂ ସୁନୀତା ରାଜ୍ୟ ମହିଳା ଭଲିବଲ ଦଳରେ ସ୍ଥାନ ପାଇ ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରିଥିଲେ।

## ବାହାଦଲପୁର ଅନିଲ ଜେନା ହତ୍ୟା ଘଟଣାର ପର୍ଦ୍ଦାଫାଶ
# ଦେଢ଼ମାସ ପରେ ରାୟଗଡ଼ାରୁ ଦୁଇ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ):**

ଖଣ୍ଡଗିରି ଥାନା ବାହାଦଲପୁର ଅନିଲ ଜେନା ହତ୍ୟା ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଦୁଇମାସ ପରେ ଧରାପଡ଼ିଛନ୍ତି। ଖଣ୍ଡଗିରି ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍‌ର ମିଳିତ ଟିମ୍ ରାୟଗଡାର ହାତୀଖମ୍ବରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ଶରକନ୍ତରା ଗ୍ରାମର ଭରତ ରାଉତ(୨୯) ଓରଫ ବାପି ଏବଂ ଦୁର୍ଗା ପ୍ରସାଦ ସାହୁ(୨୬) ଓରଫ ହାପିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ ଓ ଏକ ପଲସର୍



ଗିରଫ ଭରତ ରାଉତ ଓ ଦୁର୍ଗାପ୍ରସାଦ ସାହୁ।

ବାଇକକୁ ଜବତ କରିଛି। କେସ୍ ନଂ–୬୩୫/୧୯ ଦଫା ୩୪୧,୨୯୪,୩୦୨, ୩୦୭,୩୪ ଲଗାଇ ଉଭୟଙ୍କୁ ପଚରାଉରା ପରେ କୋର୍ଟ ଚାଲାଣ କରିଛି। ଜମିବାଡି ବିବାଦ ଓ ନିଶା କାରବାରକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି କମିଶନରେଟ ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏଥିରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ରାଜା ଫେରାର ଥିବାରୁ ତାଙ୍କୁ ଧରିବାକୁ ଚଢ଼ାଉ ଚାଲିଛି। ପୂର୍ବରୁ ଏହି ୩ ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ଚିତ୍ତରଞ୍ଜନ ପରିଡା, ପୁଲକ ହାତୀ ଓ ଆଲୋକ ପ୍ରଧାନଙ୍କୁ ୧୨୦(ବି)ରେ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ସୂଚନା ଆଧାରରେ ଚଢ଼ାଉ ଜାରି ରହିଥିଲା। ତଦନ୍ତ ବାଧାପ୍ରାପ୍ତ ଆଶଙ୍କାରେ ସେତେବେଳେ ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦିଆଯାଇ ନ ଥିଲା ବୋଲି କମିଶନର କହିଛନ୍ତି।

■ ଜମି ବିବାଦ, ନିଶା କାରବାରକୁ ନେଇ ହୋଇଥିଲା ହତ୍ୟା
■ ଦେଶୀ ବନ୍ଧୁକ, ବାଇକ୍ ଜବତ: ପୂର୍ବରୁ ଗିରଫ ହୋଇଥିଲେ ୩ଜଣ

### କିଭଳି ହୋଇଥିଲେ ଫେରାର

ଅନିଲଙ୍କୁ ହତ୍ୟା ପରେ ହାପିକୁ ଗାଡ଼ି ପାଇଁ ପଠାଇ ରାଜା ଓ ବାପି ସରକନ୍ତରା ଗାଁର ଶେଷ ମୁଣ୍ଡରେ ଲୁଚି ରହିଥିଲେ। ପରେ ୩ଜଣ ବାଇକରେ ଖୋର୍ଦ୍ଧା ଗଡ଼ମାଣିତ୍ରିକୁ ଯାଇଥିଲେ। ସେଠାରେ ଚିତ୍ତରଞ୍ଜନଙ୍କୁ ଉକ୍ତ ବାଇକ୍ ଦେଇ ତାଙ୍କଠାରୁ ଏକ ପଲ୍‌ସର ନେଇ ପୁରୀ ପଳାଇଥିଲେ। ଧରାପଡିଯିବା ଭୟରେ ଦୋକାନ, ମନ୍ଦିର ଓ ଗଛ ମୂଳେ ଶୋଇଥିଲେ। ଏହାପରେ ରାୟଗଡା ଚାଲିଯାଇଥିଲେ। ଖୋର୍ଦ୍ଧାର ଏକ ଏଟିଏମ୍‌ରୁ ଉଠାଇଥିବା ୪୦ ହଜାର ଟଙ୍କା ନେଇ ଖର୍ଚ୍ଚ କରୁଥିଲେ। ରାୟଗଡାରେ ଥିବା ଅନ୍ୟଜଣେ ସହଯୋଗୀଙ୍କୁ ବେପାର କରିବାକୁ କହି ଘର ଭଡା ନେଇ ରହୁଥିଲେ।

### କିଭଳି ଧରିଲା ପୋଲିସ

ଅଭିଯୁକ୍ତମାନେ ମୋବାଇଲ୍, ଇ–ମେଲ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବ୍ୟବହାର କରୁ ନ ଥିବାରୁ ସେମାନଙ୍କୁ ଧରିବା ପୋଲିସ ପାଇଁ କଷ୍ଟକର ଥିଲା। ଏପରି କି ସେମାନେ ଘର ଲୋକଙ୍କ ସହ ଯୋଗାଯୋଗ କରୁ ନ ଥିଲେ। ପୋଲିସ ପ୍ରଥମେ ଅଭିଯୁକ୍ତଙ୍କ ସମ୍ପର୍କରେ ଥିବା ଲୋକଙ୍କ ବିଷୟରେ ଖୋଳତାଡ଼ କରିଥିଲା। ସେମାନଙ୍କୁ ରାୟଗଡ଼ାରେ ବାପିର ଜଣେ ଚିହ୍ନା ଲୋକ ଥିବା ସୂଚନା ମିଳିବା ପରେ ସେଠାରେ ଚଢ଼ାଉ କରି ବାପି ଓ ହାପିଙ୍କୁ ଗିରଫ କରିଥିଲା।

### ହତ୍ୟାର କାରଣ

ବାପିଙ୍କ ମା' ନାମରେ ରହିଥିବା ସମ୍ପତ୍ତିକୁ ବାପା ଶାଗମାଛ ଦରରେ ଗ୍ରାମର କେତେଜଣଙ୍କୁ ବିକ୍ରି କରିଦେଇଥିଲେ। ବାପି ଏହାକୁ ଫେରାଇ ଆଣିବାକୁ ଚାହୁଁଥିବାରୁ ବିବାଦ ଆରମ୍ଭ ହୋଇଥିଲା। ଏପରି କି ବାପି ପୂର୍ବରୁ ହତ୍ୟା ମାମଲାରେ ଜେଲରୁ ଜାମିନରେ ଆସିବା ପରେ ତାଙ୍କର ଲୋକଙ୍କ ସହ ଭଲ ସମ୍ପର୍କ ନ ଥିଲା। ସେହିପରି ଅନିଲ ଜେନା ମଧ୍ୟ ଅନ୍ୟଏକ ହତ୍ୟା ମାମଲାରେ ଜେଲରୁ ଫେରିବା ପରେ ବାପିଙ୍କଠାରୁ ଜମି କିଣିଥିବା ଲୋକଙ୍କୁ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ବାପିର ସହଯୋଗୀ ଆଲୋକ ଗ୍ରାମରେ ବ୍ରାଉନସୁଗାର ବେପାର କରୁଥିବାରୁ ଏହାକୁ ମଧ୍ୟ ଅନିଲ ବିରୋଧ କରୁଥିଲେ। ଏସବୁ କାରଣକୁ ନେଇ ବାପି ଓ ଅନିଲଙ୍କ ମଧ୍ୟରେ ଶତ୍ରୁତା ବଢ଼ିଥିଲା। ଅନିଲଙ୍କୁ ରାସ୍ତାରୁ ହଟାଇବାକୁ ବାପି ଯୋଜନା କରି ସଫଳ ହୋଇଥିଲେ।

### ହତ୍ୟାକାଣ୍ଡର ଘଟଣାବଳୀ

ହତ୍ୟାକାଣ୍ଡର ଗୋଟିଏ ଦିନ ପୂର୍ବରୁ ଅଥାତ୍ ନଭେମ୍ବର ୬ରେ ବାପି ନିଜର ଜନ୍ମଦିନ ପାଳିବା ପାଇଁ ସହଯୋଗୀ ହାପି ଓ ରାଜାଙ୍କ ସହ ପୁରୀ ଯାଇଥିଲେ। ଏହି ସମୟରେ ଖବର ପାଇଥିଲେ ଯେ ଅନିଲ ଗ୍ରାମର ଲୋକଙ୍କୁ ଧରି ତାଙ୍କୁ ଆକ୍ରମଣ ପାଇଁ ଯୋଜନା କରୁଛନ୍ତି। ତେଣୁ ବାପି ଦୁଇ ସହଯୋଗୀଙ୍କ ସହ ମିଶି ଅନିଲକୁ ମାରିବାକୁ ନିଷ୍ପତ୍ତି ନେଇଥିଲେ। ଘଟଣା ଦିନ ସେମାନେ ଘର ପଛ ମାଟିତଳେ ପୋତିଥିବା ଦୁଇଟି ବନ୍ଧୁକ ଆଣିଥିଲେ। ଏକ ବାଇକରେ ୩ଜଣ ବାହାଦଲପୁର ହନୁମାନ ମନ୍ଦିର ନିକଟରେ ଜଗି ରହିଥିଲେ। ଅନିଲ ଘରକୁ ଯାଉଥିବାବେଳେ ଅଟକାଇଥିଲେ। ତାଙ୍କ ଛାତିକୁ ବାପି ଗୁଳି ମାରିଥିଲେ। ଏହାଦେଖି ବାପା ଅଭିମନ୍ୟୁ ଜେନା ଅଟକାଇବାକୁ ଆସିବାରୁ ତାଙ୍କ ଗୋଡ଼କୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ।

## ଅପହୃତା ନାବାଳିକା ଉଦ୍ଧାର: ଅପହରଣକାରୀ ଗିରଫ

**ଖୋର୍ଦ୍ଧା ଅଫିସ, ୨୪।୧୨:**

ବାଣପୁର ଥାନା ପୋଲିସ ଜଣେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ଅପହରଣକାରୀ ସେକ୍ ସୟଦ ଅନ୍‌ୱର ଅଲ୍ଲିଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ବାଣପୁର ଥାନା ଅଞ୍ଚଳର ଜଣେ ନାବାଳିକା ଅକ୍ଟୋବର ୧୫ ରେ ଟ୍ୟୁଶନ ହେବାକୁ ବଜାରକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ତେବେ ନିକଟସ୍ଥ ବଡ ହନ୍ତୁଆଡ ଗ୍ରାମର ସେକ୍ ଅନୱର ବିଭିନ୍ନ ସମୟରେ ନାବାଳିକାଙ୍କ ପିଛା କରୁଥିବା ଜଣାପଡିଥିଲା। ବାନ୍ଧବୀଙ୍କଠାରୁ ସୂଚନା ପାଇ ପରିବାର ଲୋକେ ଅନୱାରଙ୍କ ଘରକୁ ଯାଇ ପଚରାଉଚରା କରିଥିଲେ। ହେଲେ ଅନୱର ଫେରାର ହେବା ଜଣାପଡିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମୋବାଇଲ ଫୋନ୍‌କୁ ଟ୍ରାକ କରି ତଦନ୍ତ ଚଳାଇଥିଲା। ସୋମବାର ଅନୱର ଭୁବନେଶ୍ୱରରେ ଥିବା ସୂଚନା ପାଇ ବାଣପୁର ପୋଲିସ ଭୁବନେଶ୍ୱର ପୋଲିସ ସହାୟତାରେ ସେଠାରୁ ତାକୁ ଗିରଫ କରିବା ସହ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା।

# ବଡ଼ଦିନ ପାଇଁ ଜଟଣୀ ଉତ୍ସବମୁଖର



ବଡଦିନ ଅବସରରେ ଜଟଣୀର କାଥୋଲିକ୍ ଚର୍ଚ୍ଚ ।



ଖ୍ରୀଷ୍ଟମାସ୍ ଟ୍ରି ନିକଟରେ ପିଲାମାନେ ସାନ୍ତାକ୍ଲଜ ଟୋପି ପିନ୍ଧି ଠିଆ ହୋଇଛନ୍ତି ।

**ଜଟଣୀ,୨୪।୧୨ (ଡି.ଏନ.ଏ.):**

ଖ୍ରୀଷ୍ଟମାସ ବା ବଡ଼ଦିନ ପାଇଁ ଜଟଣୀ ଉତ୍ସବ ମୁଖର ହୋଇଉଠିଛି। ସହର ତଥା ଗ୍ରାମାଞ୍ଚଳରେ ଥିବା ଚର୍ଚ୍ଚଗୁଡ଼ିକ ଆକର୍ଷଣୀୟ ଆଲୋକମାଳାରେ ସଜ୍ଜିତ କରାଯାଇଛି। ବଡ଼ଦିନ ପୂର୍ବରୁ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚରେ ଛୋଟ ପିଲାଙ୍କଠାରୁ ବଡ଼ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାଛଡ଼ା ଡିସେମ୍ବର ୧୫ରୁ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟ ଚାଲିଥିଲା। ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଆଗମନ ପରିପ୍ରେକ୍ଷୀରେ ମଙ୍ଗଳବାର କାରୋଲ ଗାନ ଓ ସାନ୍ତାକ୍ଲଜଙ୍କୁ ନେଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହ ଉପହାର ସହ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏଠାରେ ଥିବା କାଥୋଲିକ୍ ଚର୍ଚ୍ଚରେ ମଧ୍ୟ ଡିସେମ୍ବର ୧ରୁ ପ୍ରସ୍ତୁତି ସ୍ୱରୂପ ପ୍ରାର୍ଥନା, ଧ୍ୟାନ, ଉପବାସ, ଦାନଧର୍ମ ଆଦି କାର୍ଯ୍ୟ ଆରମ୍ଭ ହୋଇଥିବା ଏହାର ଫାଦର ବିଜୟ କୁମାର ନାୟକ କହିଛନ୍ତି। ସେହିପରି ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଆଗମନ ପାଇଁ ମଙ୍ଗଳବାର ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମହାଦିବ୍ୟଯଜ୍ଞ, ବାକ୍ୟ ପରିବେଷଣ, ଖ୍ରୀଷ୍ଟମାସ ଟ୍ରି, କ୍ୟାରୋଲ ସଙ୍ଗୀତ ସହ କେକ୍ କଟାଯାଇ ପରସ୍ପର ମଧ୍ୟରେ ଶୁଭେଚ୍ଛା ବାର୍ତ୍ତା ଆଦାନପ୍ରଦାନ ହୋଇଥିଲା। ସେହିପରି ଅନ୍ୟାନ୍ୟ ଚର୍ଚ୍ଚରେ ମଧ୍ୟ ଏହିପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ୨୫ ତାରିଖ ସକାଳେ ସମୂହ ପ୍ରାର୍ଥନା, ପ୍ରବଚନ ଆଦି କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ସନ୍ଧ୍ୟାରେ ଘରକୁ ଘର ବୁଲି ପ୍ରଭୁ ଯିଶୁଙ୍କ ଆଗମନର ବାର୍ତ୍ତା ଓ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ବଡ଼ଦିନ ପାଇଁ ପ୍ରତି ଖ୍ରୀଷ୍ଟିୟାନ ପରିବାର ଘର ସମ୍ମୁଖରେ ଏକ୍ସମାସ୍ ଷ୍ଟାର, ପ୍ରଭୁ ଯିଶୁଙ୍କ ଜନ୍ମବୃତ୍ତାନ୍ତର ବିଭିନ୍ନ ସାଜସଜ୍ଜା ଦେଖିବାକୁ ମିଳିଥିଲା। ରୋଜ୍‌କେକ୍, ପାସ୍ତୁଲ, ଆରିଶା ପିଠା, ଚକୁଳି, କଲ୍‌କଲ୍, ଝିଲ୍ଲୀ ସହିତ ନାନା ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ବନ୍ଧୁ ପରିଜନଙ୍କୁ ଆମନ୍ତ୍ରଣ କରାଯାଇ ସବୁବର୍ଷ ପରି ବଡ଼ଦିନରେ ଆପ୍ୟାୟିତ କରାଯାଇଥାଏ ବୋଲି ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚର ନ୍ୟୁଟନ୍ କର୍ କହିଛନ୍ତି। ସେହିପରି ଏଠାରେ ରହୁଥିବା ଆଙ୍ଗ୍ଲୋଇଣ୍ଡିଆନଙ୍କ ପକ୍ଷରୁ ବଡ଼ଦିନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଟାଉନ୍‌ହଲ୍ ପରିସରରେ ମଙ୍ଗଳବାର ଆଙ୍ଗ୍ଲୋଇଣ୍ଡିଆନ୍ ସମାଜର ଲୋକମାନେ ଏକତ୍ରିତ ହୋଇ ଆନନ୍ଦଉଲ୍ଲାସର ସହିତ ଏହା ପାଳନ କରିଥିଲେ।

## ବାଇକ୍ ସହ ୨ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ/ଚିଲିକା, ୨୪।୧୨ (ଡି.ଏନ୍.ଏ.):**

ବାଣପୁର ଥାନା ନାରୁଣୀ ଫାଣ୍ଡିର ବରଡିହ ନିକଟସ୍ଥ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରୁ ବାଇକ୍ ସହ ଦୁଇଜଣଙ୍କର ମୃତଦେହ ଉଦ୍ଧାର କରିଛି। ସେମାନେ ହେଲେ ହରିକୁଣ୍ଡ ବରଡିହଗାଁର କୁଳମଣି ବେହେରା (୫୨) ଓ ମାନସ ବେହେରା (୨୨)। ଦୁଇଜଣ ଯାକ ବିଳମ୍ବିତ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ଗାଁ ଓ ପରିବାର ଲୋକଙ୍କ ଖୋଜାଖୋଜି ପରେ ୨ ମୃତଦେହ ଠାବ କରି ପୋଲିସକୁ ଖବର ଦେଇଥିଲେ। ମୃତ୍ୟୁର କାରଣ ଜଣାପଡିନି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମଙ୍ଗଳବାର ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଯୁବତୀଙ୍କୁ ଫଟୋ ଭାଇରାଲ ଧମକ, ପ୍ରେମିକ ଗିରଫ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ):**

ପ୍ରେମ ସମ୍ପର୍କରେ ଫାଟ ଆସିବା ପରେ ଯୁବତୀଙ୍କୁ ଗାଳିଗୁଲଜ କରି ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାର ଧମକ ଦେଉଥିବା ଅଭିଯୁକ୍ତ ପ୍ରେମିକଙ୍କୁ ଖାରବେଳନଗର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା ଗୁରୁଡିପାଲୋ ଗାଁର ବିଜୟ କୁମାର ପ୍ରଧାନ (୨୪)। ଭଦ୍ରକ ଅଞ୍ଚଳର ଜଣେ ଯୁବତୀଙ୍କ ସହ ବିଜୟଙ୍କ ରାଜଧାନୀରେ ଭେଟ ପରେ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରେମ ସମ୍ପର୍କରେ କୌଣସି କାରଣକୁ ନେଇ ଫାଟ ସୃଷ୍ଟି ହେବାରୁ ସେ ଏପରି କରିଥିବା ଜଣାପଡିଛି।

# ପେସାଦାର ମତ୍ସ୍ୟଜୀବୀଙ୍କ ଧାରଣା ୨୧ଦିନରେ



କୃଷ୍ଣପ୍ରସାଦ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ପେସାଦାର ମତ୍ସଜୀବୀମାନେ ।

**କୃଷ୍ଣପ୍ରସାଦ,୨୪।୧୨(ଡି.ଏନ.ଏ.):**

ଘେରି ଉଚ୍ଛେଦକୁ ବିରୋଧ କରି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଚିଲିକା ଦ୍ୱିପାଞ୍ଚଳ ପେସାଦାର ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ୨୧ ଦିନରେ ପହଞ୍ଚିଛି। ସରକାରଙ୍କ ଘେରି ଉଚ୍ଛେଦ ନିର୍ଦ୍ଦେଶ କାଗଜପତ୍ରରେ ରହିଯାଇଛି। ପ୍ରଶାସନକୁ ଚିଲିକା ମଧ୍ୟକୁ ଛାଡିବା ପାଇଁ ଆନ୍ଦୋଳନକାରୀ ସୁଯୋଗ ଦେଉନାହାନ୍ତି। ଏହି ଧାରଣା ଯୋଗୁ ତହସିଲ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ଚିଲିକା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀଙ୍କୁ ବୁଝାଶୁଝା କରିବାରେ ତହସିଲଦାର ବିଫଳ ହୋଇଥିବାବେଳେ ଜିଲା ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ୩୫ ମୌଜା ପରିଚାଳନା କମିଟିର ସ୍ଥାୟୀ ସଭାପତି ଦାମୋଦର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପେସାଦାର ମତ୍ସ୍ୟଜୀବୀ ମହାସଂଘ ସଭାପତି କେଳୁ ଚରଣ ଜେନା, ସମ୍ପାଦକ କବିରାଜ ମାଝି, ଦୀନବନ୍ଧୁ ଜେନା, ସୁରେନ୍ଦ୍ର ନାଥ ମାଝି, ଦୁର୍ଗା ଚରଣ ଦାସ, ସୁଧୀର ଜେନା, ପ୍ରସନ୍ନ ତରେଇ, ଶ୍ରୀଧର ପଲେଇ ପ୍ରମୁଖ ଯୋଗଦେଇ ଚିଲିକା ଚାଲିଗଲେ ଅଞ୍ଚଳବାସୀ ହଇରାଣ ହେବେ। ତେଣୁ ରାଜ୍ୟ ସରକାର ଏହି ସମସ୍ୟା ଦିଗରେ ଦୃଷ୍ଟି ଦେବାକୁ ସେମାନେ ଦାବି କରିଥିଲେ।

# ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ




ବୈଠକରେ ଯୋଗ ଦେଇଥିବା ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ ।

**ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)**

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟର ମୁକାବିଲା ପାଇଁ ଗଠିତ ସମୂହର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଜିଲାର ସଙ୍କଟ ପ୍ରବଣ କାରଖାନା ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ଆପାତକାଳୀନ ସମୟରେ ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ କାରଖାନା ଓ ବାଷ୍ପିତ୍ର ବିଭାଗ ଭୁବନେଶ୍ୱର ମଣ୍ଡଳର ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଖୋର୍ଦ୍ଧା ଜିଲାର କାରଖାନା ସମ୍ପର୍କରେ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। କାରଖାନା ଓ ବାଷ୍ପିତ୍ର ବିଭାଗର ଭୁବନେଶ୍ୱର ଜୋନ୍‌ର ସହାୟକ ନିର୍ଦ୍ଦେଶିକା ଇଂ ଅର୍ଚ୍ଚନା ଦାଶ ଜିଲାରେ ଥିବା କାରଖାନାଗୁଡ଼ିକର ସମସ୍ତ ସଙ୍କଟ ପ୍ରବଣ ଦ୍ରବ୍ୟର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ବିପର୍ଯ୍ୟୟ ମୁକାବିଲା ପାଇଁ ପୂର୍ବରୁ ନିଆଯାଇଥିବା ପଦକ୍ଷେପ ଓ ଆଗାମୀ ଦିନରେ ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ପୋଲିସ ଅଧୀକ୍ଷକ, ଅତିରିକ୍ତ ପୋଲିସ ଆୟୁକ୍ତ, ଆପାତକାଳୀନ ଅଧିକାରୀ ଉପସ୍ଥିତ ଥିଲେ।

## ୪ ଶହ ହେକ୍ଟର ଧାନ, ପନିପରିବା ଫସଲ ନଷ୍ଟ
# ବନ୍ୟଜନ୍ତୁଙ୍କ ଉତ୍ପାତ ବଢ଼ାଉଛି ଚାଷୀଙ୍କ ଦୁଃଖ

**ବେଗୁନିଆ,୨୪।୧୨(ଡିଏନ୍‌ଏ)**

ବନ୍ୟଜନ୍ତୁଙ୍କ ଉତ୍ପାତ ଯୋଗୁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ କିଛିବର୍ଷ ହେଲା ଚାଷୀଙ୍କ ଧାନ ଓ ପନିପରିବା ଫସଲ ନଷ୍ଟ ହେବାରେ ଲାଗିଛି। ପ୍ରଶାସନ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ। ଯାହାକୁ ନେଇ ଚାଷୀ ନିରାଶ ହେବାରେ ଲାଗିଛନ୍ତି। ସମ୍ପ୍ରତି କିଛିଦିନ ହେଲା ହାତୀ ଏବଂ ବାର୍‌ହା ଉତ୍ପାତ ଯୋଗୁ ବ୍ଲକ ଅଞ୍ଚଳରେ ଖରିଫ ଧାନ ଓ ପନିପରିବା ଫସଲ ପ୍ରାୟ ୪ ଶହ ହେକ୍ଟର ନଷ୍ଟ କରିଥିବା ବେସରକାରୀ ଆକଳନରୁ ଜଣାପଡିଛି।

ଚଳିତ ଖରିଫ୍ ଋତୁରେ ବ୍ଲକରେ ପ୍ରାୟ ୧୪ ପଞ୍ଚାୟତରେ ବ୍ୟାପକ ଧାନ ଏବଂ ପନିପରିବା ଫସଲ ନଷ୍ଟ ହୋଇଛି। ସେଗୁଡ଼ିକ ହେଲା ବୋତଲମା, ସିକୋ, ହଜ୍, ହୀରାପୁର, ଦେଉଳୀ, ଗୋଡ଼ା, ଡଙ୍ଗରପଡ଼ା, ପରିଛଲ, ସିକୋ, ବାଣ୍ଠାବାଡ଼, ପୋଡ଼ାଡିହ, ପଙ୍ଗାରସିଂହ, ବଡ଼ବେରଣା, ରାଉତପଡ଼ା, ଡିଙ୍ଗର, ଦୁର୍ଗାପୁର, କୁଞ୍ଜୁରୀ ଏବଂ ସାରୁଆ। କ୍ଷତିଗ୍ରସ୍ତ ଚାଷୀମାନେ ଅନେକ ସମୟରେ ବନ ବିଭାଗ ଏବଂ କୃଷି ବିଭାଗ ପାଖରେ ଗୁହାରି କରିଛନ୍ତି। ହେଲେ କୌଣସି ସୁଫଳ ମିଳୁନି। ବାରମ୍ବାର ଅଭିଯୋଗ ପରେ ଯେଉଁ ଅଳ୍ପ କିଛି ସହାୟତା ମିଳିଛି, ତାହା କ୍ଷତି ତୁଳନାରେ ଖୁବ୍ କମ୍। ନିୟମିତ କ୍ଷତି ସହୁଥିବା ଯୋଗୁ ଚାଷୀମାନେ ଚାଷ କାର୍ଯ୍ୟରୁ ମୁହଁ ଫେରାଇବାରେ ଲାଗିଲେଣି। କେତେଜଣ ଚାଷୀଙ୍କ କହିବାନୁଯାୟୀ, ଗତ ୫ ବର୍ଷ ହେଲା ଚନ୍ଦକା ଜଙ୍ଗଲରୁ ହାତୀ ପଲ ଆସି ନାରଗୋଦା, ପୂର୍ଣ୍ଣମାସୀ ଜଙ୍ଗଲରେ ରହୁଛନ୍ତି । ପ୍ରଥମେ ଏହି ଅଞ୍ଚଳକୁ ୩ଟି ମାଇ, ୨ଟି ଅଣ୍ଡିରା ଏବଂ ୫ଟି ଛୁଆ ହାତୀଙ୍କୁ ଦେଖିବାକୁ ମିଳୁଥିଲା । ଏବେ ସେମାନଙ୍କ ବଂଶ ବିସ୍ତାର ହେବାରେ ଲାଗିଛି। ସନ୍ଧ୍ୟା ହେଲେ ସେମାନେ ବିଭିନ୍ନ ଗ୍ରାମର ବସ୍ତିକୁ ପଶି ଆସୁଛନ୍ତି। ଆଉ କେତେବେଳେ ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ହାତୀ ପଲଙ୍କୁ ଯଦି ସରକାରଙ୍କ ହସ୍ତକ୍ଷେପରେ ଆୟତ୍ତ କରାଯାଇ ଚନ୍ଦକା ଜଙ୍ଗଲକୁ ଘଉଡ଼ାଇ ନିଆଯାଇପାରିବ, ତେବେ କ୍ଷତି କମ୍ ହେବ ବୋଲି ଚାଷୀମାନେ କହିଛନ୍ତି। ସୂଚନା ଯୋଗ୍ୟ ଯେ, ୨୦୧୨ରୁ କ୍ରମାଗତ ଭାବେ ବେଗୁନିଆ ବ୍ଲକ ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମାଡ଼ରୁ ମୁକ୍ତି ମିଳିପାରୁନାହିଁ। କେତେବେଳେ ଅଦିନିଆ ବର୍ଷାରେ ଅମଳ ଫସଲ ନଷ୍ଟ ହୋଇଯାଉଛି ତ ଆଉ କେବେ କମ୍ ବର୍ଷା ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି। ସେଥିରେ ପୁଣି ରୋଗପୋକ ଯୋଗୁ ଫସଲ ନଷ୍ଟ ହେଉଛି। ଅନ୍ୟପକ୍ଷେ ୨୦୧୪ରୁ ଗତ ୫ ବର୍ଷ ହେଲା ବନ୍ୟଜନ୍ତୁଙ୍କ ଉତ୍ପାତରେ ବହୁ ଫସଲ ନଷ୍ଟ ହୋଇଯାଇଛି। ଚାଷୀଙ୍କ କ୍ଷତିଭରଣା ଦିଗରେ ସରକାର ପଦକ୍ଷେପ ନେବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

### ଚାଷୀଙ୍କୁ ମିଳୁନି ଉପଯୁକ୍ତ କ୍ଷତିପୂରଣ



ଚାଷ ଜମିରେ ହାତୀ ପଶି ଫସଲ ନଷ୍ଟ କରୁଛି ।

## ଯୁବକଙ୍କୁ ଗଛରେ ବାନ୍ଧି ନିର୍ଘୃମ୍ ପିଟିବା ଘଟଣା
# ଦୁଇ ମୁଖ୍ୟ ଅଭିଯୁକ୍ତରୁ ଜଣେ ଜେଲ ଗଲେ

**ଖୋର୍ଦ୍ଧା ଅଫିସ, ୨୪।୧୨:**

ଖୋର୍ଦ୍ଧା ସଦର ଥାନା କାଇପଦର ଗାଁରେ ଯୁବକଙ୍କୁ ନଡିଆ ଗଛରେ ବାନ୍ଧି ଅମାନୁଷିକ ଭାବେ ମାଡ ମାରିବା ଓ ପରିସ୍ରା ପିଆଇ ଦିଆଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କାଇପଦର ଗାଁର ସୁକାନ୍ତ ଜେନାଙ୍କୁ ଗିରଫ କରି ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୁକାନ୍ତଙ୍କ ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରେମିକ ସୌମ୍ୟ ପାଇକେରାଙ୍କୁ ପୋଲିସ ଖୋଜୁଛି। ଅନ୍ୟପକ୍ଷେ ଯୁବକଙ୍କ ମାଡ ମାରିବା ଘଟଣାର ଭିଡିଓ ଭାଇରାଲ ହେବା ପରେ ପୋଲିସ କରିଥିବା ମାମଲାରେ ପରିବର୍ତ୍ତନ ଆସିଛି। ଭିଡିଓରେ ମାଡ ମାରିବା ଓ ପରିସ୍ରା ପିଆଇବା କାର୍ଯ୍ୟରେ ନିୟୋଜିତ ଦୁଇ ଅଭିଯୁକ୍ତ ସୌମ୍ୟ ଓ ସୁକାନ୍ତଙ୍କ ସମେତ ଆଉ କେତେଜଣ ଯୁବକଙ୍କ ନାମ ସାମିଲ ହୋଇଛି। ବଙ୍ଗିଦାର ସୌମ୍ୟ ରଞ୍ଜନ ଦାଶଙ୍କ ଅଭିଯୋଗ ପରେ ପୋଲିସ ଦଫା ୩୪୧, ୩୨୩, ୩୫୫, ୫୦୬ ଓ ୩୪ ଆଇପିସିରେ ନଂ. ୧୮୪/୧୯ରେ ମାମଲା ରୁଜୁ କରିଥିଲା। ପରେ ପୋଲିସ ଏହି ମାମଲାରେ ଦଫା ୩୨୪, ୩୨୫, ୩୪୨, ୩୬୩ ଯୋଡିଛି।

### ପ୍ରେମିକଙ୍କୁ ଖୋଜୁଛି ପୋଲିସ

ତେବେ ପୋଲିସ ପ୍ରଥମେ ଭାଟପଡା ରାଜେନ୍ଦ୍ର ଭୂୟାଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୋଗ ମୁତାବକ, ଗଡିଆ ପାଲଟାସିଂହଙ୍କୁ ଗିରଫ କରିବାକୁ ଚେଷ୍ଟା କରିଥିଲା। କାରଣ ଏହି ଦୁହିଁଙ୍କର ନାଁ ଏତଲାରେ ସ୍ଥାନ ପାଇଥିଲା। ଯେଉଁଥିପାଇଁ ଦୁଇ ମୁଖ୍ୟ ଅଭିଯୁକ୍ତ ପୋଲିସ ନଜରରେ ନ ଥିଲେ। ହେଲେ ଭିଡିଓ ଭାଇରାଲ ସବୁ କିଛି ଓଲଟପାଲଟ କରିଦେଲା। ପ୍ରାପ୍ତ ସୂଚନା ଅନୁସାରେ ଜଣେ ଯୁବତୀଙ୍କୁ କାଇପଦର ଗାଁର ସୌମ୍ୟ ଭଲ ପାଉଥିଲେ। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ଲୋକ ଜାଣିବା ପରେ ମିଳାମିଶାକୁ ବିରୋଧ କରିଥିଲେ। ଏପରି କି ପ୍ରେମ ନିବେଦନ କରିଥିବା ସୌମ୍ୟଙ୍କୁ ଅଗଷ୍ଟ ୧୫ରେ ମାଡ ମାରିଥିଲେ। ପୂର୍ବ ରାଗକୁ ସୌମ୍ୟ ଭୁଲି ପାରୁ ନ ଥିଲେ। ସେ ଏହି ଘଟଣାରେ କାଇପଦର ଗାଁର ସୁକାନ୍ତଙ୍କୁ ସାମିଲ କରିଥିଲେ। ପରେ ସହଯୋଗୀଙ୍କ ସହାୟତାରେ ବଙ୍ଗିଦାର ଯୁବକଙ୍କୁ ଉଠାଇ ଆଣିବା ସହ କାଇପଦର ଗାଁ ଗଛରେ ବାନ୍ଧି ଅମାନୁଷିକ ଭାବେ ମାଡ ମାରିଥିଲେ। ପାଣି ବଦଳରେ ପରିସ୍ରା ପିଆଇ ଦେଇଥିଲେ।

**ଗୋପରେ ମାଙ୍କଡ଼ ଆତଙ୍କ, ୨ ଆହତ**

ଗୋପ,(ଡି.ଏନ୍.ଏ.): ଏକ ସପ୍ତାହ ଧରି ଗୋପ ନିକଟ ମହାଜନସାହି ଗ୍ରାମରେ ପାତି ମାଙ୍କଡ଼ ଆତଙ୍କ ଦେଖାଦେଇଛି। ଭୟରେ ଗାଁରେ କେହି କବାଟ ଖୋଲୁ ନ ଥିବାବେଳେ ମାଙ୍କଡ଼ କାମୁଡ଼ାରେ ଦୁଇ ଜଣ ଆହାତ ହୋଇଛନ୍ତି। ଏହି ମାଙ୍କଡ଼କୁ ଧରିବା ଲାଗି ଗ୍ରାମବାସୀ ଗୋପ ଜଙ୍ଗଲ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ମାସକ ପରେ ଖୋଲିଲା ସମବାୟ ସମିତି

ବଳଙ୍ଗା,୨୪।୧୨(ଡି.ଏନ୍.ଏ.): ପୁରୀ ଉପନିବନ୍ଧକ ସମବାୟ ପୁରୀ ଡିଭିଜନ ଅଧୀନ ବଳଙ୍ଗା ସେବା ସମବାୟ ସମିତିରେ ସମ୍ପାଦକ ନିଯୁକ୍ତିକୁ କେନ୍ଦ୍ରକରି ୧ମାସ ହେବ ବନ୍ଦ ଥିବା ସମିତି ସୋମବାର ଖୋଲାଯାଇଛି। ସମିତି ବନ୍ଦ ରହିଥିବାରୁ ମଣ୍ଡିରେ ଧାନ କ୍ରୟ, ଚାଷ ପାଇଁ ଋଣ ଲଗାଣ ହୋଇପାରୁ ନ ଥିବା ଯୋଗୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଥିଲା। ସୂଚନାଯୋଗ୍ୟ, ସମିତି ପରିଚାଳନାରେ ଅନିୟମିତତା ଏବଂ ସରକାରୀ ଆଦେଶ ଅବମାନନା ଯୋଗୁ ପୂର୍ବରୁ ପରିଚାଳନା ପରିଷଦ ନିଲମ୍ବନ କରାଯାଇ ଉପସହକାରୀ ନିବନ୍ଧକ ସନାତନ ବେହେରାଙ୍କୁ ପ୍ରଶାସକ ଭାବରେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ନଭେମ୍ବର ୨୦ରେ ଅସ୍ଥାୟୀ ସମ୍ପାଦକ ବିପିନ ବିହାରୀ ଖଟୋଇଙ୍କୁ ସମ୍ପାଦକ ଭାବେ ଦାୟିତ୍ୱରେ ଥିବା ସୌଦାମିନୀ ପ୍ରଧାନଙ୍କୁ ନିଯୁକ୍ତି କରିବା ପାଇଁ ପ୍ରଶାସକ ବେହେରା ନିର୍ଦ୍ଦେଶ କରିଥିଲେ। କିନ୍ତୁ ଏହାକୁ ଅସ୍ଥାୟୀ ସମ୍ପାଦକ ଖଟୋଇ ନ ମାନିବା ସହ ଅଫିସରରେ ତାଲା ପକାଇ ଚାଲିଯାଇଥିଲେ। ପରେ ପିଅନ ଆସି ଚାବି ଖୋଲିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଖଟୋଇ ଆଉ ଅଫିସ ଫେରି ନ ଥିଲେ। ଫଳରେ ପ୍ରଶାସକ ଖଟୋଇଙ୍କୁ ଡିସେମ୍ବର ୪ତାରିଖରେ କାର୍ଯ୍ୟରୁ ନିଲମ୍ବନ କରାଯାଇ ସୌଦାମିନୀ ପ୍ରଧାନଙ୍କୁ ଦାୟିତ୍ୱ ଅର୍ପଣର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ସମ୍ପାଦକ ପଦବୀ ଖାଲିପଡିବାରୁ ଚାଷୀମାନେ ଆସି ନିରାଶ ହୋଇ ବାରମ୍ବାର ଫେରୁଥିବାରୁ ଉତ୍ତ୍ୟକ୍ତ ହୋଇ ଲୋକେ ଓ ସୌଦାମିନୀ ପ୍ରଧାନ ତାଲା ପକାଇ ଦେଇଥିଲେ। ଏହି ଖବର ପୁରୀ ଉପଜିଲାପାଳ ଭବତାରଣ ସାହୁ ଜାଣିବା ପରେ ତାଙ୍କ ଆଦେଶକ୍ରମେ ଗୋପ ଅତିରିକ୍ତ ତହସିଲଦାର ବିବେକାନନ୍ଦ ସାହୁଙ୍କ ଉପସ୍ଥିତିରେ ବଳଙ୍ଗା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ପୋଲିସ ଫୋର୍ସ ସମିତି ଗୃହ ତାଲା ଭାଙ୍ଗି ସମିତି ରେ ଥିବା ରେକର୍ଡ ପତ୍ର, ଆସବାବପତ୍ର ଉଦ୍ଧାର କରିବା ସହ ସମ୍ପାଦକ ସୌଦାମିନୀ ପ୍ରଧାନଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ।

### ସୂଚନା ଅଧିକାର କର୍ମୀଙ୍କ ବୈଠକ

ସାକ୍ଷୀଗୋପାଳ, ୨୪।୧୨ (ଡି.ଏନ.ଏ.): ସାରଙ୍ଗଯୋଡ଼ି ବଜାରରେ ସୂଚନା ଅଧିକାର କର୍ମୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୩ଟି ଜିଲାର ୩୦ଟି ଅନୁଷ୍ଠାନ ସହ ଆଖପାଖ ସାମାଜିକ ସୁରକ୍ଷା କର୍ମୀମାନେ ଯୋଗଦେଇଥିଲେ। ଦୁର୍ନୀତି, ଭ୍ରଷ୍ଟାଚାର ଓ ସରକାରୀ କଳର ଅବହେଳାକୁ ଦୃଢ଼ ହସ୍ତରେ ପ୍ରତିହତ କରିବାକୁ ଆହ୍ୱାନ ଦିଆଯାଇଥିଲା। ରାଜ୍ୟସ୍ତରୀୟ ବନ୍ଧୁ ମିଳନ ଅବସରରେ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ସଞ୍ଜୁକ୍ତା ପାଣିଗ୍ରାହୀ, ଦିବାକର ନାୟକ, ଅଖଣ୍ଡ ମିଶ୍ର, ବିପିନ ମହାନ୍ତି, ଦିବାକର ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲକ୍ଷ୍ମୀଧର ଜେନା, ରବୀନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କ୍ରିକେଟ: ବୁଢ଼ାକେରା ଚାମ୍ପିୟନ

ସାକ୍ଷୀଗୋପାଳ, ୨୪।୧୨ (ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକର ବିଦ୍ୟାଧରପୁର ପଞ୍ଚାୟତରେ ଅନୁଷ୍ଠିତ ଚନ୍ଦ୍ରମାଧବ ମିଶ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ବୁଢ଼ାକେରା ଟିମ୍ ୧୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଉଚ୍ଛୁପୁର ଟିମ ସମସ୍ତ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଗଗନ ବିହାରୀ ବାରିକ ଓ ସୁଶାନ୍ତ ସାହାଣୀ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲାପରିଷଦ ସଭ୍ୟ ଧ୍ରୁବଚରଣ ଦାଶ, ବିଦ୍ୟାଧରପୁର ସରପଞ୍ଚ ରଶିତା ପ୍ରଧାନ ପ୍ରମୁଖ ଯୋଗଦେଇ ବୁଢ଼ାକେରା ଟିମ୍‌କୁ ୩୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ ୨୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ମା' ଚର୍ଚ୍ଚିକା କ୍ରୀଡ଼ା ଓ ସାଂସ୍କୃତିକ ସଂଘର ସଭାପତି ନୀଳକଣ୍ଠ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ।

# ବନ ବିଭାଗ ମୁଣ୍ଡରେ କାଠବୋଝ

**ବାଲୁଖଣ୍ଡ ଅଭୟାରଣ୍ୟ**

- ଭଙ୍ଗା କାଠ ଯୋଗୁ ଘଟିପାରେ ଅଘଟଣ
- ଚାରା ରୋପଣରେ ସମସ୍ୟା ସୃଷ୍ଟି ହେଉଛି



ବାଲୁଖଣ୍ଡ ଅଭୟାରଣ୍ୟରେ ପାଣି ଭିତରେ କାଠ ପଡ଼ିରହିଛି।

ପୁରୀ ଅଫିସ, ୨୪।୧୨

ବାଲୁଖଣ୍ଡ ଅଭୟାରଣ୍ୟର ସବୁଜିମାକୁ ଉଜାଡିଦେଇଥିଲା ବାତ୍ୟା ଫନୀ। ଭାଙ୍ଗି ପକାଇଥିଲା ଲକ୍ଷ ଲକ୍ଷ ମୂଲ୍ୟବାନ ଗଛ। ପରବର୍ତ୍ତୀ ସମୟରେ ବନ ବିଭାଗ ଭଙ୍ଗା ଗଛରୁ କାଠ ସଂଗ୍ରହ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା, ଯାହା ଏବେ ବି ଜାରି ରହିଛି। ବହୁ ସଂଖ୍ୟାରେ ଶ୍ରମିକଙ୍କୁ ଲଗାଇ କାଠ କଟାଯାଇ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ଏହାକୁ ଗଦା କରି ରଖାଯାଇଛି। ହେଲେ ବାତ୍ୟାର ସାଢେ ୮ ମାସ ପରେ ବି ଏହି କାଠ ସ୍ଥାନାନ୍ତର ହୋଇପାରି ନାହିଁ। ଅନୁମତିକୁ ଅପେକ୍ଷା କରିଥିବା ବନ ବିଭାଗ ମୁଣ୍ଡରେ ଏବେ ଏହି କାଠ ବୋଝ ହୋଇଛି। ଆଗକୁ ଖରା ଦିନ ଆସିବ। ତା' ପୂର୍ବରୁ ଯଦି ଏହି କାଠଗୁଡ଼ିକୁ ଅଭୟାରଣ୍ୟରୁ ସ୍ଥାନାନ୍ତର କରା ନ ଯାଏ ତେବେ କୌଣସି ମୁହୂର୍ତ୍ତରେ ନିଆଁ ଲାଗିବାର ଆଶଙ୍କା ରହିଛି। ବିଭିନ୍ନ ସ୍ଥାନରେ କାଠ ଗଦା ହୋଇଥିବାରୁ ଏହା ବନ୍ୟଜନ୍ତୁଙ୍କ ପରିସଂସ୍ଥାନକୁ ପ୍ରଭାବିତ କରୁଛି। ପୁଣି ବନ ବିଭାଗର ଚାରା ରୋପଣରେ ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ଗତ ୧୩ ତାରିଖରେ ଯଦିଓ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ବୈଠକରେ ଏହି କାଠ ଶ୍ରୀମନ୍ଦିର, ସ୍ୱର୍ଗଦ୍ୱାର ଏବଂ ପରିବେଶ ଉନ୍ନୟନ ସମିତି (ଇଡିସି)କୁ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି କିନ୍ତୁ ଏଥିଲାଗି ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି ଏ ଯାଏ ଅନୁମତି ଦେଇ ନ ଥିବା ଜଣାପଡ଼ିଛି।

ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ। ୪୦ କିମି ଲମ୍ବ ଓ ୮୭ ବର୍ଗ କିମି ଅଞ୍ଚଳକୁ ନେଇ ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ୟୁକାଲିପଟାସ, କାଜୁ, ଆକାଶିଆ, ଝାଉଁ, ଲିମ୍ବ ଆଦି ବିଭିନ୍ନ ଗଛ ରହିଥିଲା। ହେଲେ ଫନୀ ବାତ୍ୟାରେ ଏହି ଅଭୟାରଣ୍ୟ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିଲା। ପ୍ରାୟ ୨୦ ଲକ୍ଷ ଗଛ କ୍ଷତିଗ୍ରସ୍ତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୩୮୬ ହେକ୍ଟର ଜମିରୁ ୨ଲକ୍ଷ ଗଛକୁ ସଫା କରିଛି ବନ ବିଭାଗ। ହେଲେ ଭାଙ୍ଗି ପଡିଥିବା ଗଛକଗୁଡ଼ିକ ସଫା କରାଯାଇ ନ ଥିବାରୁ ହରିଣଙ୍କ ଚଳପ୍ରଚଳରେ ସମସ୍ୟା ହେଉଛି। ଭଙ୍ଗା ଗଛ ପଡ଼ିରହିଲେ ଖରାଦିନେ ନିଆଁ ଲାଗିବାର ଆଶଙ୍କା ରହିଛି ବୋଲି ଡିଏଫଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି। ତେବେ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ୨୮ଟି ସ୍ଥାନୀୟ ଇଡିସିକୁ କାଠ ଦିଆଯିବ। ଏଥିସହ ସ୍ୱର୍ଗଦ୍ୱାର ଓ ଶ୍ରୀମନ୍ଦିରକୁ ମଧ୍ୟ ମାଗଣାରେ କାଠ ପ୍ରଦାନ କରାଯିବ। ବନ୍ୟପ୍ରାଣୀଙ୍କ ସୁରକ୍ଷା, ଅଭୟାରଣ୍ୟର ବିକାଶ, ପରିବେଶ ନିୟମ ଅନୁପାଳନ ଆଦି ସମସ୍ତ ଦିଗକୁ ଅନୁଧ୍ୟାନ କରି ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଏହି ଅନୁମତି ଦେଇଛି। ହେଲେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି ସୁପାରିଶ ବିନା ଏହି କାଠ ଅଭୟାରଣ୍ୟରୁ ଖାଲି କରାଯାଇପାରିବ ନାହିଁ। ଅନ୍ୟପକ୍ଷରେ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଶ୍ରୀମନ୍ଦିର ରୋଷଶାଳା, ସ୍ୱର୍ଗଦ୍ୱାର, ଇଡିସି ଓ ବଳକା କାଠ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି)କୁ ଏହି କାଠ ଦେବା ଲାଗି ପ୍ରସ୍ତାବ ଦେଇଥିଲା। ହେଲେ ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି ଓଏଫ୍‌ଡିସିକୁ କାଠ ଯୋଗାଣ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛି। ଫଳରେ ବନ ବିଭାଗ ଏବେ ଚିନ୍ତାରେ ପଡ଼ିଛି। ପୁନଶ୍ଚ ଆଉ ଥରେ କମିଟିକୁ ଚିଠି ଲେଖାଯିବ ବୋଲି ଡିଏଫ୍‌ଓ କହିଛନ୍ତି।

ଅନ୍ୟପକ୍ଷରେ ଜଙ୍ଗଲରୁ କାଠ ସ୍ଥାନାନ୍ତର ହେଉ ନ ଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପରିବେଶବିତ୍। ଏହି କାଠ ଯୋଗୁ ବନ୍ୟଜନ୍ତୁଙ୍କ ପ୍ରତି ବିପଦ ରହିଥିବା ମଧ୍ୟ କହିଛନ୍ତି। ଏହାଦ୍ୱାରା ବାଲୁଖଣ୍ଡ ଅଭୟାରଣ୍ୟରେ ବିଗୁଡ଼ୁଥିବା ପରିସଂସ୍ଥାନକୁ ପୁଣି ସଜାଡ଼ିବାକୁ ବନ ବିଭାଗ ତତ୍ପର ହେବା ଆବଶ୍ୟକ ବୋଲି ପରିବେଶ ବିଜ୍ଞାନୀ ଜୟକୃଷ୍ଣ ପାଣିଗ୍ରାହୀ ମତ ଦେଇଛନ୍ତି।

# ନୂଆବର୍ଷରେ ଶ୍ରୀକ୍ଷେତ୍ରକୁ ଜଗିବେ ୪୦ପ୍ଲାଟୁନ ଫୋର୍ସ

ପୁରୀ ଅଫିସ, ୨୪।୧୨

ନୂତନ ବର୍ଷରେ ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏନେଇ ପୁରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇ ପୁରୀରେ ୪୦ପ୍ଲାଟୁନ ଫୋର୍ସ ମୁତୟନ ହେବେ। ବଡ଼ଦିନ ଲାଗି ପୁରୀ ସହରରେ ୬ରୁ ୮ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ନୂତନ ବର୍ଷରେ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ଜମିବ। ତେଣୁ ବେଳାଭୂମିରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ପୋଲିସ ପକ୍ଷରୁ ୩ଟି ଅସ୍ଥାୟୀ ଟେଣ୍ଟ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକ ଯେପରି ସୁରକ୍ଷିତ ଭାବେ ସ୍ନାନ କରିବେ ସେନେଇ ଅଗ୍ନିଶମ ସେବା ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ବେଳାଭୂମିରେ ଶହେ ଲାଇଫଗାର୍ଡ ମୁତୟନ ରହିଛନ୍ତି। ସକାଳ ୫ଟା ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବେଳାଭୂମିରେ ଲାଇଫଗାର୍ଡମାନେ ସର୍ତକ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବେଳାଭୂମିରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। ପାର୍କିଂ ଦୃଷ୍ଟିରୁ ଦିଗବାରୁଣୀ ପାର୍କିଂ ଏବଂ ଯାତ୍ରିକାଠାରେ ବ୍ୟବସ୍ଥା କରାଯାଇଛି।

ଏନେଇ ଏସ୍‌ପି ଉମାଶଙ୍କର ଦାଶ କୁହନ୍ତି, ୨୪ଘଣ୍ଟିଆ ପୋଲିସ ପାଟ୍ରୋଲିଂ କରାଯିବ। ୪ ସାମୁଦ୍ରିକ ଥାନା ସମେତ ସମସ୍ତ ଥାନାର ସତର୍କ ରହିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ସାତପଡ଼ାଠାରୁ କୋଣାର୍କ ପର୍ଯ୍ୟନ୍ତ ଟୁରିଷ୍ଟ ସହାୟତା ଭ୍ୟାନର ପାଟ୍ରୋଲିଂକୁ କଡାକଡି କରାଯାଇଛି। ଟୁରିଷ୍ଟ ହେଲପ୍ ଲାଇନ ନମ୍ବର ଜାରି କରାଯାଇଛି। କୌଣସି ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେଲେ, ଟୋଲଫ୍ରି ନମ୍ବରକୁ ଯୋଗାଯୋଗ ମାତ୍ରକେ ତାଙ୍କୁ ସହାୟତା ଦିଆଯିବ ବୋଲି ଏସ୍‌ପି କହିଛନ୍ତି।

- ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଘଟଣାକୁ ୫୨ଦିନ ବିତିଲା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଆଗରେ ଧାରଣା

ଗୋପ,୨୪।୧୨(ଡି.ଏନ୍.ଏ.)

ସୋସିଆଲ ମିଡିଆରେ ଗୋପ ବସ୍ତିର ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଘଟଣାକୁ ୫୨ଦିନ ବିତିଯାଇଥିଲେ ମଧ୍ୟ ଗୋପ ପୋଲିସ ଅଭିଯୁକ୍ତକୁ ଗିରଫ କରିପାରି ନାହିଁ। କେବଳ ଥାନାରେ ନଂ. ୧୯୮/୧୯ରେ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି। ଅଭିଯୁକ୍ତ ବିଦେଶରେ ରହୁଥିବା ପୋଲିସ କହୁଥିବାବେଳେ ପୀଡ଼ିତାର ପରିବାର ଅଭିଯୁକ୍ତଙ୍କ ଗିରଫ ଦାବିରେ ମଙ୍ଗଳବାର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଥାନାଧିକାରୀ ସୁଧୀର କୁମାର ସାହୁ ପହଞ୍ଚି ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ହଟିଥିଲେ। ସୂଚନାଯୋଗ୍ୟ, କିଛିଦିନ ଧରି ଗୋପ ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀ ଗାଧୋଉଥିବା ସମୟରେ ସେହି ଅଞ୍ଚଳର ଜଣେ ଯୁବକ ଫଟୋ ଉତ୍ତୋଳନ କରି ଭାଇରାଲ କରିଥିଲେ। ଏହି ଘଟଣା ନାବାଳିକାଙ୍କ ପରିବାର ଜାଣିବା ପରେ ଥାନାରେ ନଭେମ୍ବର ୫ ତାରିଖରେ ଏକ ଅଭିଯୋଗ କରାଯାଇଥିଲା। ଗୋପ ପୋଲିସ୍ ଏହି ଅଭିଯୋଗକୁ ସେତେଟା ଗୁରୁତ୍ୱ ଦେଇ ନ ଥିବାବେଳେ ପରେ ଚାପର ବଶବର୍ତ୍ତୀ ହୋଇ ଏକ ମାମଲା ରୁଜୁ କରିଥିଲା। କିନ୍ତୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ କହିଥିଲା।

- ଟିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

# ଶିକ୍ଷାର ବିକାଶ ହେଲେ ଦେଶର ବିକାଶ: ମନ୍ତ୍ରୀ



ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ 'ତ୍ରିଧାରା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କଣାସ,୨୪।୧୨(ଡି.ଏନ୍.ଏ.)

ଶିକ୍ଷାର ବିକାଶ ହେଲେ ଦେଶର ବିକାଶ ହେବ। ପିଲାମାନେ ଯେଉଁ କ୍ଷେତ୍ରରେ ଆଗ୍ରହ ଦେଖାଉଛନ୍ତି ସେହି କ୍ଷେତ୍ରରେ ସେମାନଙ୍କୁ ସୁଯୋଗ ଦେବା ଦରକାର। ଶିକ୍ଷାର ଗୁଣାତ୍ମକ ବିକାଶ ହିଁ ପ୍ରତ୍ୟେକ ପିଲାଙ୍କୁ ସମାଜରେ ପ୍ରତିଷ୍ଠିତ ମଣିଷ କରାଇବାରେ ସହାୟକ ହେବ ବୋଲି ସିରେଇ ପଞ୍ଚାୟତ ଅନ୍ତର୍ଗତ ଟିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ମତବ୍ୟକ୍ତ କରିଥିଲେ। ପୁରୀ ଏମ୍‌ପି ପିନାକୀ ମିଶ୍ର ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷା ବ୍ୟବସ୍ଥା ସଜାଡିବା ପାଇଁ ଆଲୁମିନ୍ ଗ୍ରୁପ(ପୁରାତନ ଛାତ୍ରୀଛାତ୍ର)ମାନେ ବିଦ୍ୟାଳୟ ପାଇଁ ଅର୍ଥଦାନ କରି ଶିକ୍ଷା ବ୍ୟବସ୍ଥାକୁ ଆଗକୁ ବଢେଇବା ପାଇଁ ସହଯୋଗ କରନ୍ତୁ ବୋଲି କହିଥିଲେ। ବିଧାୟକ ଉମାକାନ୍ତ ସାମନ୍ତରାୟ ପୂର୍ବର ଓ ବର୍ତ୍ତମାନର ଶିକ୍ଷାବ୍ୟବସ୍ଥା ଉପରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା କ୍ଷୀତିଶ୍ ଚନ୍ଦ୍ର ବିଶ୍ୱାଳ ଓ ସମସ୍ତ ପ୍ରତିଷ୍ଠାତା ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଉତ୍ସବକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହାସହ ବିଦ୍ୟାଳୟ ପରିସରରେ ଅତିଥିମାନେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ 'ତ୍ରିଧାରା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାକ୍ତନ ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ବିଭିନ୍ନ ବର୍ଗର ଚାମ୍ପିୟନ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ କମିଟି ପକ୍ଷରୁ ଅତିଥିମାନଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, କମିଟିର ସଭାପତି ଧରଣୀଧର ସ୍ୱାଇଁ ଓ ସମ୍ପାଦକ ଅଶୋକ ପ୍ରଧାନ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ। କମିଟିର ସଭାପତି ଯୁଧିଷ୍ଠିର ମହାପାତ୍ର ସଭା ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ କରୁଣାକର ମହାପାତ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍କୁଲର ଶିକ୍ଷକ ସ୍ୱର୍ଗତ ଅଗାଧୁ ଦାଶ, ଅବସରପ୍ରାପ୍ତ ଶିକ୍ଷକ ସୁରଥ ବଳିୟାରସିଂହ ଏବଂ ରାଜକିଶୋର ମହାପାତ୍ରଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପାରା ଗୁଳିକାଣ୍ଡକୁ ବର୍ଷେ, ଚର୍ଚ୍ଚାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ

ପୁରୀ ଅଫିସ, ୨୪।୧୨

୨୦୧୮ ଡିସେମ୍ବର ୨୫ତାରିଖ। ବଡ଼ଦିନ ଲାଗି ଶ୍ରୀକ୍ଷେତ୍ର ଉତ୍ସବମୁଖର ରହିଥିବାବେଳେ କୁମ୍ଭାରପଡ଼ା ଥାନା ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ବହୁ ଅପରାଧର ଅଭିଯୁକ୍ତ ପାରା ଓରଫ ସଞ୍ଜୟ ବେହେରାଙ୍କୁ ଗୁଳିମାଡ ହୋଇଥିଲା। ବୁଧବାର ଏହି ଘଟଣାକୁ ବର୍ଷେ ପୂରିବ। ତେବେ ଏହି ଗୁଳିକାଣ୍ଡର ମାଷ୍ଟରମାଇଣ୍ଡ ଏବେ ବି ଖୋଲା ଆକାଶରେ ବୁଲୁଥିବା ଚର୍ଚ୍ଚା ହେଉଛି। ତେବେ କିଏ ସେ ମୁଖ୍ୟଷଡ଼ଯନ୍ତ୍ରକାରୀ, ଯାହାର ଇସାରାରେ ଏହି ଗୁଳିକାଣ୍ଡ ହୋଇଥିଲା ତାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ରହିଛି। ଘଟଣା ଦିନ ପାରାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପୁରୀ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସହରରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପାରା ସପକ୍ଷ ଏବଂ ବିପକ୍ଷ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀର ଘରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହ ରାତିରେ ଫିଲ୍ମ ଷ୍ଟାଇଲରେ ବଡ଼ଦାଣ୍ଡରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। ପାରାଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ପୋଲିସ ପ୍ରଥମେ ୫ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁ ନ ଥିବା ଏବଂ ଜନୈକ ପୋଲିସ ଅଧିକାରୀ ଟଙ୍କା ନେଇ ତାଙ୍କୁ ଖସାଇଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ।

# ଆଜିଠୁ ନିମାପଡ଼ା ମହୋତ୍ସବ



ମହୋତ୍ସବ ପାଇଁ ପ୍ରସ୍ତୁତ ମୁକ୍ତାକାଶ ମଞ୍ଚ।

ନିମାପଡ଼ା,୨୪।୧୨(ଡି.ଏନ୍.ଏ.)

ନିମାପଡ଼ା ମହୋତ୍ସବ କମିଟି ଏବଂ ହେଲ୍‌ପଲାଇନ୍ ପକ୍ଷରୁ ତଥା ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ବୁଧବାର ଠାରୁ ଆରମ୍ଭ ହେଉଛି ଊନବିଂଶ ନିମାପଡ଼ା ମହୋତ୍ସବ। ତିନିଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ମହୋତ୍ସବ କମିଟିର ସଭାପତି ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ପାଦକ ପ୍ରତାପ ପାତ୍ର, ଅଭ୍ୟର୍ଥନା କମିଟିର ଅଧକ୍ଷ ଶିକ୍ଷାବିତ୍ ରମେଶ ଚନ୍ଦ୍ର ପରିଡ଼ା ସୂଚନା ଦେଇଛନ୍ତି। ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହୋତ୍ସବ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେବେ। ମହୋତ୍ସବସ୍ଥଳରେ ଗ୍ରାମୀଣ ମେଳା ପଡ଼ିବ। ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ ଶିଳ୍ପୀମାନେ ଯୋଗଦେଇ ନୃତ୍ୟ, ସଙ୍ଗୀତ ପରିବେଷଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଡେଲାଙ୍ଗ,୨୪।୧୨(ଡି.ଏନ୍.ଏ.)

ଡେଲାଙ୍ଗ ହାଟବଜାର ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବିଦ୍ୟୁତ କର୍ମଚାରୀମାନଙ୍କୁ ନିରାପତ୍ତା ଆତ୍ମରକ୍ଷା ପ୍ରଶିକ୍ଷଣ ତଥା ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେସୁ ଜେଇ ସଞ୍ଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଫେଡ୍‌କୋ ଏସ୍‌ଡିଓ ରଣଜିତ ମହାରାଜ, ଫେଡ୍‌କୋ ଜେଇ ପଙ୍କଜ କୁମାର ନାୟକଙ୍କ ସମେତ ସେସୁ ଓ ଫେଡକୋର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜେଇ ଜେନା ଉପସ୍ଥିତ କର୍ମଚାରୀମାନଙ୍କୁ ବିଦ୍ୟୁତ କାର୍ଯ୍ୟ କରୁଥିବା ସମୟରେ ସତର୍କତା ଅବଲମ୍ବନ କରିବା ନିହାତି ଆବଶ୍ୟକ ବୋଲି କହିଥିଲେ। ଏହାସହ କରେଣ୍ଟ ସଟ୍‌ଡାଉନ ସମୟରେ କୋଡୱାଡ ବ୍ୟବହାର କରିବା, ବିଦ୍ୟୁତ କାମ କରିବା ସମୟରେ ହେଲମେଟ, ସେଫ୍ଟିକ ବେଲ୍ଟ, ଗ୍ଲୋବସ ଆଦି ବ୍ୟବହାର କରିବାକୁ କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ। ଶେଷରେ କର୍ମଚାରୀମାନଙ୍କୁ ନେଇ କାର୍ଯ୍ୟାଳୟ ପରିସରରେ ମକଡ୍ରିଲ କରାଯାଇଥିଲା।

# ଜେଜେ ମା', ଜେଜେ ବାପା ଆମର ସନ୍ତକ

ପୁରୀ ଅଫିସ, ୨୪।୧୨

ଜେଜେ ମା' ଓ ଜେଜେ ବାପା ଘରର ମଝି ଖୁଣ୍ଟ ସଦୃଶ। ଆତ୍ମୀୟତା ସେମାନଙ୍କ ସହଜାତ ପ୍ରବୃତ୍ତି ଓ ପ୍ରକୃତି। ବୟସର ଅପରାହ୍ନରେ ପାଦ ଥାପିଥିବା ଏହି ଚରିତ୍ରମାନେ ଆମ ପାଇଁ ଅଲୋଡା କି ଅଖୋଜା ନୁହନ୍ତି। ସେମାନେ ଆମର ସନ୍ତକ। ସେମାନେ ଆମର ଅସ୍ତିତ୍ୱ, ଅସ୍ମିତା ଆଉ ପରିଚୟ। ପରିବାରର କୁଳଦେବତାଙ୍କଠାରୁ ସେମାନେ କୌଣସି ଗୁଣରେ କମ୍ ନୁହଁନ୍ତି। ଶିଶୁ ସୁଲଭ ଆଚରଣରେ ଭରି ରହିଥାଏ ସେମାନଙ୍କ ମନ ପ୍ରାଣ। ସେମାନେ ବାର୍ଦ୍ଧକ୍ୟର ପ୍ରଜ୍ଞା। ଜେଜେ ମା', ଜେଜେବୋପାଙ୍କ ଆଦର ଯତ୍ନରେ ଶୈଶବାବସ୍ଥା ପରିପୁଷ୍ଟ ହୁଏ। ସେମାନଙ୍କ ଗେହ୍ଲାପଣରେ ଶିଶୁର ଭବିଷ୍ୟତ ଜୀବନର ମୂଳଦୁଆ ସ୍ଥାପିତ ହୁଏ। ଶିଶୁଟିକୁ ଭଲ ମଣିଷ କରି ଗଢିତୋଳିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଓ ମାତାପିତାଙ୍କ ଭଳି ଜେଜେ ମା' ଓ ଜେଜେ ବାପାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମଙ୍ଗଳବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଡାଫୋଡିଲ ନର୍ସରି ସ୍କୁଲ ପକ୍ଷରୁ ଆୟୋଜିତ ଜେଜେ ମା', ଜେଜେ ବାପା ସମ୍ମିଳନୀରେ ଅତିଥିମାନେ ଏହା କହିଛନ୍ତି। ବିଦ୍ୟାଳୟର ଅଧକ୍ଷ ଡ. ଅଶ୍ୱିନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ୟାରୀମୋହନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ଦୀପକ ଚାଟାର୍ଜୀ ଓ ସାମାଜିକ କର୍ମୀ ରେବତୀ ବଲ୍ଲଭ ମହାପାତ୍ର ଯୋଗଦେଇଥିଲେ। ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ନାରାୟଣ ପାଢୀ ଧନ୍ୟବାଦ ଦେଇଥିଲେ। ଉପସ୍ଥିତ ଜେଜେ ମା' ଓ ଜେଜେ ବାପାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଜି ବଡ଼ଦିନ: ଧରାବତରଣ କଲେ ଯିଶୁ

ପୁରୀ ଅଫିସ, ୨୪।୧୨



ଯିଶୁଙ୍କ ଧରାବତରଣ ସମୟର ଦୃଶ୍ୟ।



ବଡ଼ଦିନ ପାଇଁ ସୁବାଷ ବୋଷ ଛକଠାରେ ସୁସଜ୍ଜିତ ଚର୍ଚ୍ଚ।

ବୁଧବାର ପବିତ୍ର ବଡ଼ଦିନ। ଏହାର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ମଧ୍ୟରାତ୍ରରେ ପୁରୀ ସହରର କ୍ୟାଥଲିକ ଓ ବାପ୍‌ଟିଷ୍ଟ ଚର୍ଚ୍ଚରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ମହାଆଡମ୍ବରରେ ସମ୍ପନ୍ନ ହୋଇଥିଲା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମବିଧି। ଏଥିପାଇଁ ଚର୍ଚ୍ଚଦ୍ୱୟ ରଙ୍ଗିନ ଆଲୋକମାଳାରେ ଝଲସି ଉଠୁଥିଲା। ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ ଭକ୍ତିଭାବନା ସହକାରେ ମଧ୍ୟରାତ୍ରରେ ସ୍ୱତନ୍ତ୍ର ପ୍ରାର୍ଥନାରେ ଯୋଗଦେଇଥିଲେ। ସନ୍ଧ୍ୟା ପରେ ଚର୍ଚ୍ଚକୁ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଧାଡି ଛୁଟିଥିଲା। ଭକ୍ତିପୂତ ପରିବେଶରେ ସମସ୍ତେ ସ୍ୱତନ୍ତ୍ର ପ୍ରାର୍ଥନା ସମାବେଶରେ ଭାଗ ନେଇଥିଲେ। କ୍ୟାଥଲିକ ଚର୍ଚ୍ଚର ଫାଦରଙ୍କ ଦ୍ୱାରା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମବିଧି ପାରମ୍ପରିକ ବିଧିବିଧାନ ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଚର୍ଚ୍ଚ ପରିସରରେ ନିର୍ମିତ ଅସ୍ଥାୟୀ ଗୁହାଳରୁ ଫାଦର ନବଜାତ ଯୀଶୁଙ୍କ ମୂର୍ତ୍ତି ଚର୍ଚ୍ଚକୁ ଆଣିଥିଲେ। ଏହି ଅବସରରେ ସୁଶ୍ରାବ୍ୟ ସଙ୍ଗୀତ ଗାନ କରାଯାଇଥିଲା। ଚର୍ଚ୍ଚ ପରିସରରେ ସୃଷ୍ଟି ହୋଇଥିଲା ଆବେଗପୂର୍ଣ୍ଣ ତଥା ଭାବଗମ୍ଭୀର ପରିବେଶ। ଫାଦର ନବଜାତ ଯୀଶୁଙ୍କ ମୂର୍ତ୍ତି ପ୍ରାର୍ଥନା ଗୃହକୁ ନେଇଥିଲେ। ସମବେତ ଶ୍ରଦ୍ଧାଳୁମାନେ ଯୀଶୁଙ୍କ ମୂର୍ତ୍ତିକୁ ଚୁମ୍ବନ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରଭୁ ଯୀଶୁଙ୍କ ଉଦ୍ଦେଶ୍ୟରେ ଦିବ୍ୟ ପ୍ରସାଦ ସମର୍ପଣ କରାଯିବା ସହିତ ସମବେତ ଶ୍ରଦ୍ଧାଳୁଙ୍କୁ ବିତରଣ କରାଯାଇଥିଲା। ବଡ଼ଦିନ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ମଧ୍ୟରାତ୍ର ପ୍ରାର୍ଥନା ସମାବେଶ ପରେ ଶ୍ରଦ୍ଧାଳୁମାନେ ପରସ୍ପରକୁ ଆଲିଙ୍ଗନ ପୂର୍ବକ ଅଭିନନ୍ଦନ ଜଣାଇଥିଲେ। ସୁଭାଷବୋଷ ଛକସ୍ଥିତ ବାପ୍‌ଟିଷ୍ଟ ଚର୍ଚ୍ଚରେ ମଧ୍ୟ ପାରମ୍ପରିକ ରୀତିରେ ଏହା ସମ୍ପନ୍ନ ହୋଇଥିଲା। ପ୍ରାର୍ଥନା ପରେ ଶ୍ରଦ୍ଧାଳୁମାନେ ପରସ୍ପରକୁ ଖ୍ରୀଷ୍ଟମାସ ଅଭିନନ୍ଦନ ଜଣାଇଥିଲେ। କେବଳ ଖ୍ରୀଷ୍ଟୀୟାନ ନୁହଁନ୍ତି, ଅନ୍ୟ ଧର୍ମ ଓ ଜାତିର ଲୋକେ ଏହି ପବିତ୍ର ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ ସାମିଲ ହୋଇଥିଲେ।